Daily Edition:
RNI No.ODIODI/2010/33791

ଶନିବାର, ୨୩ ଡିସେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୧୩୧

Saturday, 23 December 2017
Volume VIII, Issue No 131

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଧନୁ ୮; ପୌଷ ଶୁକ୍ଳପକ୍ଷ ୫ମୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

# ଶ୍ରୁତି SRUTI



ଜେରୁଜେଲମ ପ୍ରସଙ୍ଗରେ ଭାରତ ଜାତିସଂଘରେ ପାଲେଷ୍ଟାଇନ ପ୍ରସ୍ତାବକୁ ସମର୍ଥନ କରିବା ଏକ ମସ୍ତବଡ ଭୁଲ: ସୁବ୍ରମଣ୍ୟମ ସ୍ୱାମୀ

**ପ୍ରସଙ୍ଗ** Email : srutimedia@gmail.com

ଭାରତ ଜାତିସଂଘରେ ଜେରୁଜେଲମ ପ୍ରସଙ୍ଗରେ ଆମେରିକାକୁ ବିରୋଧ ନକରି ବରଂ ଅନୁପସ୍ଥିତ ରହିଥିଲେ ଭଲ ହୋଇଥାନ୍ତା କି ?

୨୨/୧୨ ଫଳ

୨ଜି ମାମଲାରେ ସିବିଆଇର ଅବହେଳା ଯୋଗୁଁ ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କି ?

ନା ୩୬%

ହଁ ୬୬%

## ଭିତର ପୃଷ୍ଠାରେ



ଜେରୁଜେଲମ ପ୍ରସଙ୍ଗରେ ଆମେରିକା ବିରୋଧରେ ଭୋଟ ଦେଇଥିବା ରାଷ୍ଟ୍ରମାନଙ୍କୁ ଆମେରିକାର ଧମକ
କିଏ କ'ଣ କରିଛ; ଭୁଲିବୁ ନାହିଁ



ଝାଡଖଣ୍ଡରେ ୨୦୦ ମାଓବାଦୀଙ୍କ ଲଙ୍କାକାଣ୍ଡ



ବାବା ବୀରେନ୍ଦ୍ର ଦେବ ଦୀକ୍ଷିତଙ୍କ ରୋହିଣୀ ଆଶ୍ରମ ଉପରେ ଚଢ଼ଉ
୪୧ଜଣ ଯୁବତୀ ଉଦ୍ଧାର




ହିନ୍ଦୁ ଯୁବତୀଙ୍କୁ ଉଠାଇ ନେଇ ଧର୍ମାନ୍ତରଣ

# ଦାମ ବହିଷ୍କୃତ

## ବ୍ରାହ୍ମଣ ବିରୋଧୀ ମନ୍ତବ୍ୟ ମହଙ୍ଗା ପଡିଲା



ଭୁବନେଶ୍ୱର, ୨୨/୧୨(ଶ୍ରୁମି): ଡା. ଦାମ ରାଉତଙ୍କୁ ତାଙ୍କ ନିଜ ମନ୍ତବ୍ୟ ମହଙ୍ଗା ପଡିଛି । ସବୁବେଳେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସୁଥିବା ଦାମ ରାଉତ ନିକଟରେ ବ୍ରାହ୍ମଣଙ୍କ ବିରୋଧରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପାଇଁ ତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଜାତିଆଣ ମନ୍ତବ୍ୟ ପାଇଁ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ହଟାଇ ଦେଇଛନ୍ତି । ଏଥି ନେଇ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟାରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ଏଭଳି ଜାତିଆଣ ଟିପ୍ପଣୀକୁ ବରଦାସ୍ତ କରାଯିବ ନାହିଁ। ପୂର୍ବରୁ ୨୦୧୦ରେ ମଧ ଦାମ ହରିଜନଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ହେଲେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା । ଏହା ବ୍ୟତିତ ଚାଷୀ, ଅଙ୍ଗନବାଡି କର୍ମୀ, ଜୟୀ ରାଜଚଗୁରୁଙ୍କ ଭଳି ଓଡିଶାର ବରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇ ସରକାରଙ୍କୁ ଅଡୁଆରେ ପକାଇଥିଲେ । ଏସବୁ ସତ୍ତ୍ୱେ ତାଙ୍କ ବିରୋଧରେ କେବେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା । ପୂର୍ବରୁ ହରିଜନ, ଚାଷୀ ଓ ଅଙ୍ଗନବାଡିକର୍ମୀଙ୍କ ବିରୋଧରେ ତାଙ୍କ ମନ୍ତବ୍ୟ ପାଇଁ ଦଳ ପକ୍ଷରୁ ତାଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯାଇ ମାମଲାକୁ ଚାପି ଦିଆଯାଇଥିଲା । ଏଥର କିନ୍ତୁ ତାଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯାଇନଥିଲା ; ସିଧା ବାହାରକୁ ରାସ୍ତା ଦେଖାଇଛନ୍ତି ନବୀନ ।

ଏବେ ନିକଟରେ 'ବ୍ରାହ୍ମଣମାନେ ଭିକ ମାଗନ୍ତି' ବୋଲି ଦାମ ରାଉତ କହିଥିଲେ । ଏହାକୁ ନେଇ ବ୍ରାହ୍ମଣ ସମାଜ ରାଜରାସ୍ତାକୁ ଓହ୍ଲାଇଥିଲେ । ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ଓ ମୁକ୍ତିମଣ୍ଡପ ବ୍ରାହ୍ମଣ ମହାସଭା ପକ୍ଷରୁ ବୁଧବାର ଦାମଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ସେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ଓ ନିଜ ଅପରାଧର ମାର୍ଜନା ପାଇଁ ମୁକ୍ତିମଣ୍ଡପକୁ ଆସି ପ୍ରାୟଶ୍ଚିତ କରନ୍ତୁ ବୋଲି ସେମାନେ ଦାବି କରିଥିଲେ । ତେବେ ଏହି ପ୍ରସଙ୍ଗରେ ଦାମ କହିଥିଲେ ଯେ ସେ କୌଣସି ଭୁଲ୍ କଥା କହିନାହାନ୍ତି; ତେଣୁ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ରାଜନୈତିକ ଉଦ୍ଦେଶ୍ୟ ଯୋଗୁଁ ଏଭଳି ବିବାଦ ସୃଷ୍ଟି କରାଯାଉଛି। କିଛି ଦିନ ତଳେ ଦାମ ରାଉତ ମାଲକାନଗିରିରେ ଆୟୋଜିତ ଏକ ଉତ୍ସବ ଅବସରରେ କହିଥିଲେ ଯେ ଆଦିବାସୀମାନେ କେବେହେଲେ କାହା ନିକଟରେ ହାତ ପତାନ୍ତି ନାହିଁ ବରଂ ବ୍ରାହ୍ମଣମାନେ ବସଷ୍ଟାଣ୍ଡରେ ପାଞ୍ଚ ପଇସା ପାଇଁ ହାତ ପତାଇ ଭିକ ମାଗନ୍ତି। ଦାମବାବୁଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟକଲେ ଜଣାପଡ଼େ ଯେ ସେ କିଛିକାଳ ଧରି ସରକାରରେ ଥାଇ ମଧ ଅନୁଶାସନର ସୀମା ସରହଦକୁ ବାରମ୍ବାର ଉଲ୍ଲଂଘନ କରୁଥିଲେ । ମନ୍ତ୍ରିମଣ୍ଡଳରେ ରହି ସରକାର ବିରୋଧରେ ବିଦ୍ରୋହ କରିବା ଭଳି କଥା କହିବା ବା ଆଚରଣ ପ୍ରଦର୍ଶନ କରିବା ଦେଖିବାକୁ ମିଳିଥିଲା । ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ପରିସରକୁ ଆସିଥିବା ବିଜେଡ଼ିର ଅନ୍ୟତମ ବରିଷ୍ଠ ନେତା ତଥା ମନ୍ତ୍ରୀ ଦାମୋଦର ରାଉତଙ୍କୁ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ସେ ଜଣେ ପୁରୁଖା ରାଜନେତା ଓ ବହୁ ଅଭିଜ୍ଞତାସମ୍ପନ୍ନ ଦକ୍ଷ ମନ୍ତ୍ରୀ ଥିଲେ । ହେଲେ ତାଙ୍କ ପ୍ରଦର୍ଶନ ଆଶାନୁରୂପ ହେଉନଥିଲା । ତାଙ୍କ ଯୋଗୁଁ ଶାସକ ଦଳ ଅନେକ ସମୟରେ ସମାଲୋଚିତ ହୋଇଥିଲା । କିନ୍ତୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯାହା କରିନଥିଲେ ହଠାତ ଏବେ କାହିଁକି ଏଭଳି କାର୍ଯ୍ୟାନୁଷ୍ଠାନ କଲେ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ବ୍ରାହ୍ମଣମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି ।

## କେନ୍ଦ୍ରାପଡା ଜିଲ୍ଲା ବିଜେପି କମିଟିରୁ ବିଜୟ ବହିଷ୍କୃତ



କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୨୨/୧୨(ଶ୍ରୁମି): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି କମିଟିରୁ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ବହିଷ୍କୃତ କରାଯାଇଛି। ବିଶୃଙ୍ଖଳିତ ଆଚରଣ ଓ ଦଳବିରୋଧି କାର୍ଯ୍ୟ ପାଇଁ ତାଙ୍କୁ ଜିଲ୍ଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ ସୂଚନା ଦେଇଛନ୍ତି। ବିଜୟ ମହାପାତ୍ରଙ୍କୁ ଦଳର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରିବା ପାଇଁ ମଧ ସେ ରାଜ୍ୟ ସଭାପତିଙ୍କୁ ସୁପାରିଶ କରିଛନ୍ତି। ଗୁରୁବାର ପାଟକୁରା ଗରଦପୁରଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ମିଶ୍ରଣ ପର୍ବରେ ଶ୍ରୀ ମହାପାତ୍ରଙ୍କୁ ଡକାଯାଇନଥିବାରୁ ତାଙ୍କ ସମର୍ଥକମାନେ ପାଟିତୁଣ୍ଡ କରିଥିଲେ। ଦଳରେ ମିଶ୍ରଣ ପାଇଁ ଆସିଥିବା ଲୋକଙ୍କୁ ବିରୋଧ କରି ଘଉଡ଼ାଇ ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା ଓ ମିଶ୍ରଣ ପର୍ବ ବାଧାପ୍ରାପ୍ତ ହୋଇଥିଲା। ବିଜୟ ମହାପାତ୍ରଙ୍କ ଇଙ୍ଗିତରେ ତାଙ୍କ ସମର୍ଥକମାନେ ଏଭଳି କରିଥିବା ଅଭିଯୋଗ ହୋଇଥିଲା। ଏହାର ଠିକ୍ ଗୋଟିଏ ଦିନ ପରେ ବିଜୟଙ୍କୁ ଜିଲ୍ଲା କମିଟିରୁ ବହିଷ୍କାର କରାଯାଇଛି। ଅପରପକ୍ଷରେ ଶ୍ରୀ ମହାପାତ୍ର ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଏହା ମୋ ପାଇଁ ଅପମାନ ନୁହେଁ। ଦଳୀୟ ପଦବୀରୁ ବହିଷ୍କୃତ ହେବା ଖୁସିର କଥା। ଏହାକୁ ମୁଁ ସ୍ୱାଗତ କରୁଛି। ମୁଁ ଗଲା ପରେ ଯଦି ଦଳ ମଜବୁତ ହେବ ତେବେ ଭଲ କଥା। ବିଜେପିରେ ମିଛ କହିବା, ଅପପ୍ରଚାର କରିବା ଏବେ ମୂଳ ଏଜେଣ୍ଡା ହୋଇଛି। ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟସ୍ତରୀୟ ନେତାମାନେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ଦଳ କାମ କରୁନାହିଁ। ସେ କହିଛନ୍ତି ଯେ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର ହିଁ ଦଳର ମୁଖ୍ୟ କାମ ହୋଇଛି। ଏହି ପ୍ରସଙ୍ଗରେ ସେ କୌଣସି ନେତାଙ୍କ ସହ କଥା ହେବାର ନାହିଁ ବୋଲି କହିଛନ୍ତି। ଯେଉଁମାନେ ଏଭଳି ବୁଦ୍ଧି ଦେଉଛନ୍ତି ସେମାନଙ୍କୁ ସେ ଧନ୍ୟବାଦ ଦେଉଛନ୍ତି। ଏହି ପ୍ରସଙ୍ଗରେ ଦଳୀୟ ପ୍ରବକ୍ତା ସମୀର ମହାନ୍ତି କହିଛନ୍ତି ଯେ, ସେ ଦଳ ଭିତରେ ଥାଇ ଦଳ ବିରୋଧରେ ଷଡଯନ୍ତ୍ର କରୁଛନ୍ତି । ଏପରିକି ବିଭିନ୍ନ ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀଙ୍କୁ ମଧ ସମାଲୋଚନା କରିବାକୁ ପଛାଇ ନାହାନ୍ତି ।

## ରୁପାନୀ ପୁଣି ହେବେ ଗୁଜରାଟ ମୁଖ୍ୟମନ୍ତ୍ରୀ



**ଗୁଜରାଟରେ ବିଜେପିର ଆସନ ସଂଖ୍ୟା ୧୦୦ଛୁଇଁଲା**

ଅହମ୍ମଦାବାଦ, ୨୨/୧୨(ଏଜେନ୍ସି) : ବିଜୟ ରୁପାନୀ ପୁଣି ଥରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବେ। ନୀତିନ ପଟେଲ୍ ପୂର୍ବଭଳି ଉପମୁଖ୍ୟମନ୍ତ୍ରୀ ଭାବେ ଭାର ସମ୍ଭାଳିବେ। କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ଗୁଜରାଟର ଦଳୀୟ ପର୍ଯ୍ୟବେକ୍ଷକ ଅରୁଣ ଜେଟ୍‌ଲୀ ଏହା ଘୋଷଣା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ନବ ନିର୍ବାଚିତ ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଖୁବ୍‌ଶୀଘ୍ର ନୂତନ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ ତାରିଖ ବିଷୟରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଆସନ୍ତା ୨୫ ତାରିଖରେ ନୂତନ ମନ୍ତ୍ରୀମଣ୍ଡଳ ଶପଥ ନେବ ବୋଲି ଆଶା କରାଯାଉଛି। ନୂଆ ସରକାର ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ରାଜ୍ୟପାଳଙ୍କୁ ସେମାନଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଜଣେ ସ୍ୱାଧିନ ବିଧାୟକଙ୍କ ସମର୍ଥନ ପରେ ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ଶହେରେ ପହଞ୍ଚିଛି। ଫଳରେ ବିଜେପି ଶତକ ସହ ୩ ଅଙ୍କର ସମ୍ମାନକୁ ହାସଲ କରିଛି। ଚଳିତ ବିଧାନସଭା ନିର୍ବାଚନରେ ବିଜେପି ୧୮୨ରେ ୯୯ଟି ଆସନରେ ବିଜୟ ହାସଲ କରିଥିଲା। ତେବେ କଂଗ୍ରେସର ଭଲ ପ୍ରଦର୍ଶନ ଯୋଗୁଁ ଗତଥର ଅପେକ୍ଷା ବିଜେପିକୁ ୧୬ଟି ଆସନ କମ୍ ମିଳିଥିଲା। ଏବେ ଲୁନାୱାଡାର ସ୍ୱାଧିନ ବିଧାୟକ ରତନ ସିଂ ରାଠୋର ବିଜେପିକୁ ସମର୍ଥନ ଦେବା ନେଇ ଘୋଷଣା କରିଛନ୍ତି। ଏଥିନେଇ ସେ ରାଜ୍ୟପାଳଙ୍କୁ ଏକ ପତ୍ର ଲେଖି ଅବଗତ କରିଛନ୍ତି। ପ୍ରକାଶଥାଉକି ସେ ଚଳିତ ନିର୍ବାଚନରେ କଂଗ୍ରେସରୁ ଟିକେଟ୍ ପାଇବା ଆଶାରେ ଥିଲେ। ମାତ୍ର କଂଗ୍ରେସ ତାଙ୍କୁ ଟିକେଟ ଦେଇନଥିଲା। ଫଳରେ ସେ ସ୍ୱାଧିନ ପ୍ରାର୍ଥି ଭାବେ ନିର୍ବାଚନକୁ ଓହ୍ଲାଇଥିଲେ ଓ ବିଜୟୀ ହୋଇଥିଲେ।

## ହିମାଚଳରେ ନେତା ଚୟନରେ ଦ୍ୱନ୍ଦ୍ୱ

ସିମଲା, ୨୨/୧୨(ଏଜେନ୍ସି) ହିମାଚଳ ପ୍ରଦେଶରେ ବିଧାୟକ ଦଳ ନେତା ଚୟନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଠାରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପ୍ରେମ କୁମାର ଧୁମଲ କଂଗ୍ରେସ ପ୍ରାର୍ଥୀ ରାଜେନ୍ଦ୍ର ରାଣାଙ୍କଠାରୁ ପରାସ୍ତ ହେବା ପରେ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବ ତାହା ସ୍ଥିର କରିବାରେ ସାମାନ୍ୟ ଅସୁବିଧା ସୃଷ୍ଟି ହୋଇଛି। ଏଥିପାଇଁ ବିଜେପି ନିଯୁକ୍ତ କରିଥିବା ଦଳୀୟ ପର୍ଯ୍ୟବେକ୍ଷକ ନିର୍ମଳା ସୀତାରମଣ ନବ ନିର୍ବାଚିତ ବିଧାୟକ ଦଳର ସଦସ୍ୟ ଓ ରାଜ୍ୟର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ଦିଲ୍ଲୀ ଫେରିଯାଇଛନ୍ତି। ଏବେ ହାଇକମାଣ୍ଡ ନିଷ୍ପତ୍ତି ନେବେ। ତେବେ ପର୍ଯ୍ୟବେକ୍ଷକ ବିଧାୟକ ଦଳ ନେତା ଭାବେ ଜୟରାମ ଠାକୁରଙ୍କ ନାମ ସୁପାରିଶ କରିବେ ବୋଲି ସୂଚନା ମିଳିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟରୁ ରାଜନୀତିକୁ ଆସିଥିବା ଶ୍ରୀ ଠାକୁର ରାଜ୍ୟ ବିଜେପିର ସଭାପତି ମଧ ଅଛନ୍ତି। ଏଥିସହିତ ସେ ୫ ଥର ବିଧାନସଭାକୁ ନିର୍ବାଚିତ ହେଲେଣି। ତେଣୁ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ଆଗରେ ଥିବାବେଳେ ଧୁମଲଙ୍କ ସମର୍ଥକମାନେ ଦାବି କରିଛନ୍ତି ଯେ ରାଜ୍ୟରେ କଂଗ୍ରେସକୁ ପରାସ୍ତ କରିବାରେ ଧୁମଲଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ତେଣୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ। ଏଥିନେଇ ତାଙ୍କ ସମର୍ଥକମାନେ ଅନ୍ୟ କୌଣସି ପ୍ରାର୍ଥୀକୁ ଗ୍ରହଣ କରିବେ ନାହିଁ ବୋଲି ଦର୍ଶାଇଛନ୍ତି। ଏଭଳି ଦ୍ୱନ୍ଦ୍ୱ ଭିତରେ ପର୍ଯ୍ୟବେକ୍ଷକ ଦିଲ୍ଲୀ ଫେରିଯାଇଛନ୍ତି।

## ଗତ ବର୍ଷ ବ୍ୟାଙ୍କ ଗୁଡିକରୁ ଲୁଟ ହୋଇଛି ୧୬୭୮୯କୋଟି ଟଙ୍କା

ନୂଆଦିଲ୍ଲୀ ,୨୨/୧୨(ଏଜେନ୍ସି) : କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ଲୋକସଭାରେ ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କର ସୂଚନା ମୁତାବକ ୨୦୧୬-୧୭ ଆର୍ଥିକ ବର୍ଷରେ ଦେଶର ବ୍ୟାଙ୍କ ଗୁଡିକ ଲୁଟ , ଏଟିଏମ ଭାଙ୍ଗି ଲୁଟ , କ୍ୟାସ ଭ୍ୟାନ ଲୁଟ, ବ୍ୟାଙ୍କ ଠକେଇ ପ୍ରଭୃତି ଘଟଣାରେ ମୋଟ ୧୬,୭୮୯କୋଟି ଟଙ୍କା କ୍ଷତି ହୋଇଛି

## କୌଣସି ସରକାରୀ ବ୍ୟାଙ୍କ ବନ୍ଦ ହେବ ନାହିଁ: ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ ,୨୨/୧୨(ଏଜେନ୍ସି) : କୌଣସି ସରକାରୀ ବ୍ୟାଙ୍କ ବନ୍ଦ ହେବ ନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ବିଜ୍ଞପ୍ତି ମାଧମରେ ଦର୍ଶାଇଛନ୍ତି। ବିଭିନ୍ନ ସରକାରୀ ବ୍ୟାଙ୍କର ମିଶ୍ରଣ କଥା ଉଠିବା ଦିନରୁ କିଛି ବ୍ୟାଙ୍କ ବନ୍ଦ ହୋଇଯିବ ବୋଲି ଚର୍ଚ୍ଚା ହେଉଥିଲା । ତେବେ ରିଜର୍ଭ ବ୍ୟାଙ୍କ ଏହାକୁ ଖଣ୍ଡନ କରିଛନ୍ତି ।

## ୨୫ରୁ ୩ ଦିନିଆ ଓଡିଶା ଗସ୍ତରେ ଆସିବେ ଭାଗବତ



ଭୁବନେଶ୍ୱର , ୨୨/୧୨(ଶ୍ରୁମି):ଆର୍‌ଏସ୍‌ଏସ୍‌ର ଅଖିଳ ଭାରତୀୟ ମୁଖ୍ୟ ତଥା ସର ସଂଘ ଚାଳକ ଡ. ମୋହନ ରାଓ ଭାଗବତ ଆସନ୍ତା ୨୫ରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବ ଏବଂ ପଶ୍ଚିମ ପ୍ରାନ୍ତର ଅନୁଗୁଳଠାରେ ଆୟୋଜିତ ହେବାକୁ ଥିବା ବୈଠକରେ ଯୋଗଦେବେ। ୨୫ ତାରିଖରେ ସେ ପୂର୍ବ ପ୍ରାନ୍ତର ପ୍ରବାସୀ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବା ସହ ୨୬ ଓ ୨୭ରେ ଓଡ଼ିଶା ପୂର୍ବ ଓ ପଶ୍ଚିମ ପ୍ରାନ୍ତର ସଂଘ କାର୍ଯ୍ୟର ସମୀକ୍ଷା କରିବେ। ଏଥି ସହିତ ସେ ଉଭୟ ପ୍ରାନ୍ତର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗଦେବା ସହିତ ସେମାନଙ୍କୁ ମାର୍ଗଦର୍ଶନ କରିବେ। ୨୭ ତାରିଖ ସନ୍ଧ୍ୟାରେ ସେ ଗସ୍ତ କାର୍ଯ୍ୟକ୍ରମ ସାରି ଓଡ଼ିଶା ଛାଡ଼ିବେ ବୋଲି ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବ ପ୍ରାନ୍ତର ସଂଘ ଚାଳକ ସମୀର କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଟିପ୍ପଣୀକୁ ନେଇ ଅଚଳାବସ୍ଥା

## ବୁଧବାର ଯାଏ ରାଜ୍ୟସଭା ମୁଲତବୀ



ନୂଆଦିଲ୍ଲୀ, ୨୨/୧୨(ଏଜେନ୍ସି) ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିରୋଧରେ ଗୁଜରାଟ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଟିପ୍ପଣୀକୁ ନେଇ ରାଜ୍ୟସଭାରେ ଆଜି ମଧ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ଫଳରେ ଗୃହକୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୁଜରାଟ ବିଧାନସଭା ନିର୍ବାଚନ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମୋଦି ଦେଇଥିବା ଟିପ୍ପଣୀକୁ ନେଇ ସଭାଗୃହରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଗୃହରେ ସୃଷ୍ଟ ଅଚଳାବସ୍ଥାକୁ ଦୂର କରିବା ପାଇଁ ନେତାମାନଙ୍କ ମଧ୍ୟରେ ବିଚାରବିମର୍ଶ କରିବାକୁ ସମୟ ଦେବା ସକାଶେ ବିରୋଧି ଦଳ ନେତା ଗୁଲାମ ନବୀ ଆଜାଦ ଓ ଅନ୍ୟ ନେତାମାନେ ଗୃହକାର୍ଯ୍ୟକୁ ୨.୩୦ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପରାମର୍ଶ ଦେଇଥିଲେ। ଏହାର ଉତ୍ତରରେ ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋୟେଲ୍ କହିଥିଲେ ଯେ ଦୁଇଥର ବୈଠକ ବସିସାରିଲାଣି ଏବଂ ସମାଧାନ ପାଇଁ କଥାବର୍ତ୍ତା ଜାରି ରହିଥିବାରୁ ଗୃହକାର୍ଯ୍ୟକୁ ମୁଲତବୀ ରଖିବାର ଆବଶ୍ୟକତା ନାହିଁ। ତେଣୁ ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ପାଇଁ ସେ ବିରୋଧିଙ୍କ ସହଯୋଗ କାମନା କରିଥିଲେ। କିନ୍ତୁ ବିରୋଧି ତାଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ହଙ୍ଗାମା କରିଥିଲେ। ତେବେ ଗୃହକାର୍ଯ୍ୟକୁ ଅଧ୍ୟକ୍ଷ ମୁଲତବୀ ରଖିବା ପୂର୍ବରୁ କହିଥିଲେ ଯେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହକାର୍ଯ୍ୟ ଚାଲୁ ଓ ପ୍ରଶ୍ନକାଳ ଆରମ୍ଭ କରିବାକୁ ଦିଆଯାଉ। ଏହାପରେ ସେ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସେପଟେ ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟିପ୍ପଣୀକୁ ନେଇ କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରି ହଙ୍ଗାମା କରୁଥିଲେ ମଧ ଗୃହକାର୍ଯ୍ୟ ଜାରି ରହିଥିଲା।

### ବିକାନେର ଜମି କିଣା ଦୁର୍ନୀତି

## ମହେଶ ନାଗରଙ୍କ ଡ୍ରାଇଭର ଗିରଫ



ଜୟପୁର, ୨୨/୧୨(ଏଜେନ୍ସି) ରାଜସ୍ଥାନ ବିକାନେର ଜମି କିଣାବିକା ଦୁର୍ନୀତିରେ କଂଗ୍ରେସ ନେତା ମହେଶ ନାଗରଙ୍କ ଡ୍ରାଇଭର ସମେତ ଦୁଇଜଣଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ବିକାନେର ଜମି କିଣାରେ କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧିଙ୍କ ଜ୍ୱାଇଁ ରବର୍ଟ ଭଦ୍ରା ବହୁ ଲାଭ କରିଥିବା ଅଭିଯୋଗ ହୋଇଥିଲା। ରବର୍ଟ ଭଦ୍ରାଙ୍କ ପକ୍ଷରୁ ଜମିର କାରବାର କଂଗ୍ରେସ ନେତା ମହେଶ ନାଗର କରିଥିଲେ। ଆଜି ଇଡି ପକ୍ଷରୁ ବଡ଼ ପଦକ୍ଷେପ ଅନ୍ତର୍ଗତ ଶ୍ରୀ ନାଗରଙ୍କ ଡ୍ରାଇଭର ଅଶୋକ କୁମାର ଓ ଅନ୍ୟ ଜଣେ ବ୍ୟକ୍ତି ଜୟପ୍ରକାଶଙ୍କୁ ଗିରଫ କରାଯାଇଛି। ଅଶୋକ କୁମାର ବିକାନେର ସ୍ଥିତ ଏହି ଜମିକୁ ରବର୍ଟ ଭଦ୍ରାଙ୍କ କମ୍ପାନୀକୁ ବିକ୍ରୀ କରିଥିଲେ। ଭଦ୍ରାଙ୍କ ପକ୍ଷରୁ ଜମି କିଣିବାର ପାୱାର ଅଫ୍ ଆଟର୍ଣ୍ଣି ନାଗରଙ୍କ ପାଖରେ ଥିଲା। ଏହି ଜମିକୁ ଭଦ୍ରାଙ୍କ କମ୍ପାନୀ ୨୦୦୮ରେ ୭୯ ଲକ୍ଷ ଟଙ୍କାରେ କ୍ରୟକରିଥିଲା। ହେଲେ ୨୦୧୦ରେ ୫.୪୪ କୋଟି ଟଙ୍କାରେ ବିକ୍ରୀ କରିଥିଲା। ଅଶୋକ କୁମାର ଓ ମହେଶ ନାଗର ଗୋଟିଏ ଗ୍ରାମର ଲୋକ। ତେଣୁ ଏଥିରେ ଷଡଯନ୍ତ୍ର ହୋଇଥିଲା ଓ ଉଭୟ ସାମିଲ ଥିଲେ ବୋଲି ଇଡି ଦର୍ଶାଇଛନ୍ତି।

## ୭ ଜଣିଆ ଆନ୍ତଃଜିଲ୍ଲା ଗ୍ୟାଙ୍ଗ ଠାବ

ଜଗତସିଂହପୁର, ୨୨/୧୨(ଶ୍ରୁମି): ଜଗତସିଂହପୁର ପୁଲିସ ଶୁକ୍ରବାର ଟେଲିଫୋନ୍ ଟାୱାର ବ୍ୟାଟେରି ଚୋରୀର ଏକ ୭ ଜଣିଆ ଆନ୍ତଃଜିଲ୍ଲା ଗ୍ୟାଙ୍ଗ୍‌କୁ ଠାବ କରିବାରେ ସଫଳ ହୋଇଛି। ଚୋରି ବ୍ୟାଟେରି ପରିବହନ ପାଇଁ ବ୍ୟବହୃତ ଏକ ବସ୍‌କୁ ମଧ ପୁଲିସ ଜବତ କରିଛି। ଏହି ଚୋରମାନେ ଭୁବନେଶ୍ୱର ଓ କଟକ ଅଞ୍ଚଳରେ ସକ୍ରିୟ ରହି ଏଭଳି ଚୋରି କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ରାହୁଲ୍ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ସିଡବ୍ଲୁସି ବୈଠକ

ନୂଆଦିଲ୍ଲୀ, ୨୨/୧୨(ଏଜେନ୍ସି) କଂଗ୍ରେସ ଅଧ୍ୟକ୍ଷ ରାହୁଲ୍ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟରେ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂଆ ଅଧକ୍ଷ ଦଳର ଭବିଷ୍ୟତ, ରାଜନୈତିକ ପରିସ୍ଥିତି, ଗୁଜୁରାଟ ହିମାଚଳ ପ୍ରଦେଶ ନିର୍ବାଚନ ଫଳ ଏବଂ ୨ଜି ସ୍କେମ୍ ଦୁର୍ନୀତିର ରାୟ ପରିପ୍ରେକ୍ଷୀରେ ବିଶଦ ଆଲୋଚନା କରିଥିବା ଜଣାପଡିଛି । ଦଳର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଦ୍ୱିବେଦୀଙ୍କ କହିବା ଅନୁଯାୟୀ ପୂର୍ବାହ୍ନ ୧୦.୩୦ରେ ଏହି ବୈଠକ ଆରମ୍ଭ ହୋଇଥିଲା । ଏଥିରେ ସୋନିଆ ଗାନ୍ଧି , ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମେତ ସିଡବ୍ଲ୍ୟୁସିର ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।

## ବିଏମ୍‌ସି କାର୍ଯ୍ୟାଳୟ ଘେରିଲେ ବିଜେପି କର୍ମୀ



ଭୁବନେଶ୍ୱର , ୨୨/୧୨(ଶ୍ରୁମି): ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରି ଆଜି ବିଜେପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଏମ୍‌ସି କାର୍ଯ୍ୟାଳୟ ଉପରକୁ ଅଣ୍ଡାମାଡ଼ କରିଛନ୍ତି। ବିଜେପି କର୍ମୀମାନେ ବିଏମ୍‌ସି ମଧ୍ୟରେ ପଶିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକୁ ଦୃଷ୍ଟିରେ ରଖି ବିଏମ୍‌ସି କାର୍ଯ୍ୟାଳୟ ଆଗରେ ୮ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ବିକାଶ ନାମରେ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗକୁ ବିଜେପି ବିଏମ୍‌ସିକୁ ତୀବ୍ର ସମାଲୋଚନା କରିଛି।

## ନୀତିଶ୍ଳୋକ

ଦୈବୀ ସମ୍ପଦ୍‌ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।
ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ॥

ଦୈବୀସମ୍ପତ୍ତି ମୁକ୍ତି ନିମନ୍ତେ ଏବଂ ଆସୁରୀସମ୍ପତ୍ତି ବନ୍ଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି ମାନି ନିଆଯାଇଛି । ହେ ପାଣ୍ଡବ ! ତୁମେ ଦୈବୀସମ୍ପତ୍ତି ପ୍ରାପ୍ତ ହୋଇଛ, ତେଣୁ ଶୋକ(ଚିନ୍ତା) କର ନାହିଁ ।

# ଅକର୍ମାଙ୍କୁ ବିଦାୟ

ସରକାର କ୍ଷମତା ଉପଭୋଗ କରେ, ଅମଲାତନ୍ତ୍ର ବା ବ୍ୟୁରୋକ୍ରାସି ଶାସନ କରେ । ଏହା ସବୁ ଶାସନ ବ୍ୟବସ୍ଥାର ମୌଳିକ ଢ଼ାଞ୍ଚା । ଅତଏବ ପ୍ରଶାସକଙ୍କ ଦକ୍ଷତା, ସ୍ୱଚ୍ଛତା, ନିରପେକ୍ଷତା ଓ ଦୂରଦୃଷ୍ଟି ଉପରେ ଶାସନର ଭଲମନ୍ଦ ନିର୍ଭର କରିଥାଏ । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟୁରୋକ୍ରାସିର ଗୁରୁତ୍ୱ ଅଧିକ । ଦୁର୍ଭାଗ୍ୟର ବିଷୟ; ବ୍ରିଟିଶଶାସନ କାଳର ଅମଲାତାନ୍ତ୍ରିକ ରଙ୍ଗଢ଼ଙ୍ଗ ସ୍ୱାଧୀନତାର ୭୦ବର୍ଷ ପରେ ମଧ୍ୟ ଭାରତରେ ଅବ୍ୟାହତ ରହିଛି । ସମୟର ଆବଶ୍ୟକତା ଓ ପରିବର୍ତ୍ତନର ଆହ୍ୱାନକୁ ମୁକାବିଲା କରିବା ପାଇଁ ବ୍ୟୁରୋକ୍ରାସିର ଯେଉଁ ଉଚ୍ଚାରଣ, ଆଚରଣ ହେବା କଥା ତାହା ହୋଇପାରୁ ନାହିଁ । ଥରେ ସିଭିଲ ସେବାର ସଦସ୍ୟ ହୋଇଗଲା ପରେ ବାବୁମାନେ ଧରି ନେଉଛନ୍ତି ଯେ ସେମାନେ ଏକ ସ୍ୱତନ୍ତ୍ର, ଅପରିହାର୍ଯ୍ୟ ଓ ସୁରକ୍ଷିତ ବର୍ଗ, ଯାହାକୁ ଛୁଇଁବା କଷ୍ଟକର । ରାଷ୍ଟ୍ରପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରିବା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ ଅନେକ ଦକ୍ଷତା ଅପେକ୍ଷା ବୃତ୍ତିଗତ ସୁରକ୍ଷାର ବଳୟକୁ ଢ଼ାଲ କରି ନିଜର ସୁରକ୍ଷା କରିଥାନ୍ତି । ଦକ୍ଷତା ଅପେକ୍ଷା ବଡ଼ବଡ଼ ପଦର ଗରିମାରେ ଅନ୍ୟର ଭାଗ୍ୟକୁ ନିୟନ୍ତ୍ରିତ କରିବାକୁ ପ୍ରୟାସ କରିଥାନ୍ତି , ନିଜକୁ ଭିଆଇପି ଓ ଭିଭିଆଇପି ଦର୍ଶାଇ ସାଧାରଣଙ୍କ ଠାରୁ ନିଜକୁ ଉଚ୍ଚ ଓ ଭିନ୍ନ ଦର୍ଶାଇଥାନ୍ତି । ଅବଶ୍ୟ ସବୁ ପ୍ରଶାସକ ସେୟା ନୁହଁନ୍ତି । କାମ ନ କଲେ କିଛି ହରାଇବାର ଆଶଙ୍କା ନ ଥିବାରୁ ଏବଂ ମଝିରେ ମଝିରେ ବ୍ୟୁରୋକ୍ରାଟଙ୍କ ଦକ୍ଷତା ଆକଳନର ବ୍ୟବସ୍ଥା ନ ଥିବାରୁ ଥୋକେ ଏଭଳି ପରାଙ୍ଗପୁଷ୍ଟ ହୋଇ ଯାଇଛନ୍ତି । ପୁରୁଣା ଝାଡୁ ଠାରୁ ନୂଆ ଭଲ କାମ କରେ । ସେଥିପାଇଁ ପ୍ରଶାସନରେ ଥିବା ରଦିମାନଙ୍କୁ ହଟାଇବାକୁ ପ୍ରୟାସ ଆରମ୍ଭ ହେବା କିଛି ମନ୍ଦ ବିଚାର ନୁହେଁ । ସରକାର ଯେତେବେଳେ ଅନୁଭବ କରେ ଶାସନ ଆଶାନୁରୂପ ହେଉନି, ସେତେବେଳେ ବ୍ୟୁରୋକ୍ରାସିର ଦକ୍ଷତା ଉପରେ ନଜର ପଡ଼ିବା ସ୍ୱାଭାବିକ ।

ପ୍ରଶାସକଙ୍କ ଦକ୍ଷତା, ନିଷ୍ଠା ଓ ପ୍ରଦର୍ଶନର ଆକଳନ କରି ସେମାନଙ୍କୁ ତାଗିଦ୍ କରିବା ଓ ବାଟକୁ ଆଣିବା ବିଷୟରେ ଭାରତରେ ଯେ ଚିନ୍ତା କରାଯାଇ ନାହିଁ ଏ କଥା ନୁହେଁ । ଅତୀତରେ ବିଭିନ୍ନ ବେତନ କମିଶନ ଓ ପ୍ରଶାସନିକ ସଂସ୍କାର କମିଟି ଏ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନି । ଏବେ ମୋଦି ସରକାର ଅଣ୍ଟା ଭିଡ଼ିଛନ୍ତି ନିକମା, ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ଚିହ୍ନଟ କରି ବିଦା କରିବାକୁ । ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟକୁ ସରକାରୀ ନିର୍ଦ୍ଦେଶାବଳୀ ପଠାଯାଇଛି । ଏଭଳି ଅକର୍ମା ବାବୁଙ୍କୁ ଠାବ କରି ଆବଶ୍ୟକସ୍ଥଳେ ବାଧ୍ୟତାମୂଳକ ଅବସର ଦେବାକୁ କୁହାଯାଇଛି । ଏ ନେଇ ସରକାରଙ୍କ ବିଚାର ଓ ଉଦ୍ଦେଶ୍ୟ ନିଶ୍ଚିତ ସ୍ୱାଗତଯୋଗ୍ୟ । ୟୁପିଏ ସରକାର ସମୟରେ ସର୍ବଭାରତୀୟ ଚାକିରି ନିୟମର ସଂଶୋଧନ କରାଯାଇଥିଲା । ତଦନୁସାରେ ଜଣେ ବ୍ୟୁରୋକ୍ରାଟଙ୍କ ଚାକିରି ଯେ ସ୍ଥାୟୀ ନୁହେଁ; ସେଥିପାଇଁ ମଧ୍ୟ ବାଟ ଫିଟିଥିଲା । ଚାକିରିର ୧୫ବର୍ଷ ମଧ୍ୟରେ ବ୍ୟୁରୋକ୍ରାଟଙ୍କ ଦକ୍ଷତା, ନିଷ୍ଠା ଓ ସାଧୁତାର ଆକଳନ କରି ଆବଶ୍ୟକସ୍ଥଳେ ନିକମା ବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାର ବ୍ୟବସ୍ଥା ହୋଇଥିଲା । ଏବେ ତାହାକୁ ସରକାର କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବା ନିଶ୍ଚିତ ଏକ ଠିକଣା ପ୍ରୟାସ । ଏହିକ୍ରମରେ ଆର୍ଥିକ ଆଇନ୍ ୫୬ (ଜେ) ଅନ୍ତର୍ଗତ ସରକାରୀ ଚାକିରିଆଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ଦୁଇଥର ସମୀକ୍ଷା କରାଯାଇଥାଏ । ଚାକିରିକାଳର ୧୫ ବର୍ଷ ପରେ ପ୍ରଥମେ ଓ ୨୫ ବର୍ଷ ପରେ ଦ୍ୱିତୀୟ ଥର ସମୀକ୍ଷା କରାଯାଏ । ଏହି ଆଧାରରେ ୧୧,୮୨୮ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରେ ୨୫୯୩ ଜଣ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଥିଲେ । ସେହିପରି ୧୯,୭୧୪ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ସମୀକ୍ଷା ପରେ କେନ୍ଦ୍ର ସରକାର କାର୍ଯ୍ୟରେ ଅବହେଳା କରୁଥିବା ଓ ଆଦୌ କାମ କରୁନଥିବା ୧୭୬ ଜଣ ଉଚ୍ଚପଦାଧିକାରୀଙ୍କୁ ଜନସ୍ୱାର୍ଥ ନାମରେ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ପ୍ରଶାସନିକ ଚାକିରିରେ ଥିବା ପ୍ରଥମ ଶ୍ରେଣୀର ୫୩ ଜଣ ଅଧିକାରୀ, ଦ୍ୱିତୀୟ ଶ୍ରେଣୀର ୧୨୩ ଜଣ ଅଧିକାରୀଙ୍କୁ ଅବସର ଦିଆଯାଇଛି । ଆର୍ଥିକ ଆଇନ୍ ୫୬ (ଜେ) ଧାରାରେ ଏହି ସରକାରୀ ଅଧିକାରୀମାନଙ୍କ ବିରୁଦ୍ଧରେ ଏଭଳି ପଦକ୍ଷେପ ନିଆଯାଇଛି । ୨୦୧୪ ଜୁଲାଇ ପହିଲାରୁ ୨୦୧୭ ଅକ୍ଟୋବର ୩୧ ମଧ୍ୟରେ କାର୍ଯ୍ୟରେ ଅବହେଳା ଅଥବା ଆଦୌ କାର୍ଯ୍ୟ କରୁନଥିବା ଏଭଳି ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା କୁହାଯାଇଛି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ପ୍ରଚୁର ଦକ୍ଷତା, ନିର୍ଦ୍ଦିଷ୍ଟ ଅବଧିର ଚାକିରିକାଳ, ଉଚ୍ଚ ବେତନ ତଥା ଆକର୍ଷଣୀୟ ସୁବିଧା ସୁଯୋଗ ପାଇଁ ଜଣେ ବ୍ୟୁରୋକ୍ରାଟ ଯଦି ଦେଶର ଯଥାର୍ଥ ସେବା କରିବାକୁ ଅସମର୍ଥ ତାହାର ଚାକିରିରେ ରହିବାର କୌଣସି ଅଧିକାର ନାହିଁ ରହିବା ଉଚିତ ମଧ୍ୟ ନୁହେଁ । ଅତଏବ ସେମାନଙ୍କ ପାଇଁ ବାଧ୍ୟତାମୂଳକ ଅବସର ଉଚିତ ପଦକ୍ଷେପ । ଯେତେଶୀଘ୍ର ସରକାର ଏଭଳି ଅନ୍ୟ ଅପାରଗ ବାବୁଙ୍କୁ ବିଦାକରି ଦକ୍ଷ ଅଧିକାରୀଙ୍କ ଦ୍ୱାରା ପ୍ରଶାସନକୁ ସୁସଂହତ କରିବେ ସେତେଭଲ । ଏହାଦ୍ୱାରା ବ୍ୟୁରୋକ୍ରାସି ଦକ୍ଷ ହେବ ଏବଂ ବ୍ୟୁରୋକ୍ରାଟ ସତର୍କ ରହିବେ । ଦରକାର ପଡ଼ିଲେ ବୃତ୍ତିଗତ କ୍ଷେତ୍ରରୁ ବିଷୟବିତ୍‌ମାନଙ୍କୁ ଆଣି ଅଧିକରୁ ଅଧିକ ବ୍ୟୁରୋକ୍ରାସିରେ ସାମିଲ କରାଯାଉ । ଶାସନରେ ସିଭିଲ ସର୍ଭାଣ୍ଟଙ୍କ ଏକଚାଟିଆ କାରବାର ଭାଙ୍ଗିଲେ ଏହା ଅଧିକ ଦକ୍ଷ ହେବ ।

ପ୍ରଶାସନିକ ଦକ୍ଷତା ବୃଦ୍ଧି ଓ ଲୋକଙ୍କୁ ସରକାରୀ ସେବା ଯୋଗାଣରେ ଶାସନିକ ଅଧିକାରୀଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ଆଜିକାଲିର ଯୁଗରେ ଲୋକେ ତୁରନ୍ତ ଉଚ୍ଚମାନର ସେବା ଚାହୁଁଛନ୍ତି । ସେଥିପାଇଁ ପ୍ରଶାସନକୁ ଦକ୍ଷ ଓ ସମୟୋପଯୋଗୀ କରିବାପାଇଁ ଅଧିକାରୀମାନଙ୍କୁ ମଧ୍ୟ ସମାନଭାବେ ଯୋଗ୍ୟ କରିବାକୁ ପଡ଼ିବ । ଏଥିପାଇଁ ତାଲିମ ଏକାନ୍ତ ଅପରିହାର୍ଯ୍ୟ । ଏ କଥା ସତ ଯେ ଏକବିଂଶ ଶତାବ୍ଦୀର ଭାରତୀୟ ପ୍ରଶାସନ ପାଇଁ ଉପନିବେଶବାଦୀ ଅମଲାତାନ୍ତ୍ରିକ ଶୈଳୀ ଅନାବଶ୍ୟକ ହୋଇପଡ଼ିଛି । ଏଥିପାଇଁ ବ୍ୟୁରୋକ୍ରାସିର ମନୋଭାବ କେବଳ ନୁହେଁ; ଚେତନା ଓ ଆଭିମୁଖ୍ୟରେ ମଧ୍ୟ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇଛି । ହୁକୁମ ଦେବା ବା ଫାଇଲ ଚାଷ କରିବା ଅପେକ୍ଷା ଶାସନକୁ ଲୋକାଭିମୁଖୀ ଓ ବାସ୍ତବବାଦୀ କରିବା ପାଇଁ ସବିଶେଷ ଜ୍ଞାନକୌଶଳ, ତାଲିମ ଓ ବ୍ୟକ୍ତିଗତ ନେତୃତ୍ୱର ଆବଶ୍ୟକତା ଦେଇଛି । ଏହି ପ୍ରୟାସ ଭଲ ହୋଇଥିଲେ ହେଁ ଏଥିରେ କିଛି ଆଶଙ୍କା ରହିଛି । ଦକ୍ଷ, ଅଦକ୍ଷ ବିଚାର ଏତେ ସହଜ ନୁହେଁ । ଜଣେ ଦୁର୍ନୀତିଗ୍ରସ୍ତ ବୋଲି ଯେତେ ସହଜରେ ପ୍ରମାଣିତ ହୋଇପାରିବ ତା'କୁ ସେତେ ସହଜରେ ନିକମା ପ୍ରମାଣିତ କରିହେବ ନାହିଁ । ସବୁ ଅଧିକାରୀ ଜିଦ୍‌ଖୋର ବା ଅସହଯୋଗୀ ନୁହନ୍ତି । ସେମାନେ ସ୍ଥିତି, ସମ୍ବଳ ଓ ବ୍ୟବସ୍ଥାର ଲକ୍ଷ୍ମଣରେଖା ମଧ୍ୟରେ କାମ କରିବାକୁ ବାଧ୍ୟ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଏଥିପାଇଁ ସେମାନଙ୍କ ପାଇଁ ନୀତିନିୟମ ଧାର୍ଯ୍ୟ କରିଛି । ତା' ଭିତରେ ଅନେକ ବିଚାରବନ୍ତ ଓ ସମ୍ବେଦନଶୀଳ ଅଧିକାରୀ କାର୍ଯ୍ୟ କରିଥାନ୍ତି । ତେଣୁ ସମସ୍ତଙ୍କୁ ସରକାର ବିରୋଧୀ, ଅଯୋଗ୍ୟ, ଅବିଶ୍ୱାସୀ ଭାବିବା ଉଚିତ ନୁହେଁ ।

ଅନୁଭୂତି କହୁଛି ଗୋଟିଏ ଶାସନ ବ୍ୟବସ୍ଥାରେ ଶ୍ରେଷ୍ଠ ବା ଅତି ଦକ୍ଷ ବିବେଚିତ ପ୍ରଶାସକଗଣ ଅନ୍ୟ ଶାସନରେ ହଠାତ୍ ଅକର୍ମଣ୍ୟ ହୋଇପଡ଼ନ୍ତି ପରିସ୍ଥିତି ଓ ପରିବେଶର ଚାପରେ । ଅନେକ ସମୟରେ ଦକ୍ଷ ଅଧିକାରୀଙ୍କ ଆନୁଗତ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠେ । ସେଇ କାରଣରୁ ଗୋଟିଏ ଶାସନର 'ରତ୍ନ' ପ୍ରଶାସକ ପରବର୍ତ୍ତୀକାଳରେ 'ଡୁଠ ପଥର' ପାଲଟି ଯାଆନ୍ତି । ଏହି ପ୍ରକ୍ରିୟାରେ ବ୍ୟୁରୋକ୍ରାଟ ବିରାଦରିର ଆଭ୍ୟନ୍ତରୀଣ ରାଜନୀତି , ଗୋଷ୍ଠିକଟା ନୀତି ଏବଂ କ୍ଷମତା ଓ ଅତିରିକ୍ତ ଲୋଭ ବେଶୀ କାମ କରେ । ତେଣୁ ବାବୁମାନଙ୍କ ଦକ୍ଷତା, ସ୍ୱଚ୍ଛତା ଓ ନିଷ୍ଠା ଆକଳନ କରିବାକୁ ନିୟମିତ ବ୍ୟବଧାନ ଓ ଚାକିରିକାଳ ମଧ୍ୟରେ ନିରପେକ୍ଷ ବ୍ୟବସ୍ଥା କରାଯାଉ ।

# କର୍ମ ସିଦ୍ଧାନ୍ତ

କର୍ମ ହେଉଛି ଏକ ସଂସ୍କୃତ ଶବ୍ଦ, ଯାହାର ଅର୍ଥ, ସଂପାଦନ କରାଯାଉଥିବା କୌଣସି କାର୍ଯ୍ୟ । ଶାରୀରିକ ବା ମାନସିକ, କୌଣସି ବି କାର୍ଯ୍ୟ ହେଉଛି କର୍ମ । ଆମ୍ଭମାନଙ୍କର ବର୍ତ୍ତମାନ ଜୀବନରେ ତଥା ପୂର୍ବଜନ୍ମରେ କରାଯାଇଥିବା କାର୍ଯ୍ୟ ସମୂହର ସଂପୂର୍ଣ୍ଣ ମିଶ୍ରଣ ହେଉଛି ଆମର କର୍ମ । କର୍ମର ଅର୍ଥ କେବଳ କାର୍ଯ୍ୟ ମାତ୍ର ନୁହେଁ ; କାର୍ଯ୍ୟର ପରିଣାମ ମଧ୍ୟ । ବାସ୍ତବ ଦୃଷ୍ଟିରୁ ଦେଖିବାକୁ ଗଲେ କୌଣସି କାର୍ଯ୍ୟର ପରିଣାମ ସେହି କାର୍ଯ୍ୟଠାରୁ ଭିନ୍ନ ନୁହେଁ । ତାହା ସେହି କାର୍ଯ୍ୟର ହିଁ ଏକ ଅଙ୍ଗ । ଏହି କାରଣରୁ ପରିଣାମକୁ କର୍ମଠାରୁ ପୃଥକ କରାଯାଇ ପାରିବା ନାହିଁ । କର୍ମ-ସିଦ୍ଧାନ୍ତର ଅର୍ଥ ହେଉଛି କାରଣ-କାର୍ଯ୍ୟ ସିଦ୍ଧାନ୍ତ । ଯେଉଁଠି କିଛି କାରଣ ଅଛି ସେ କ୍ଷେତ୍ରରେ ତାହା ଦ୍ୱାରା କିଛି କାର୍ଯ୍ୟ ଅବଶ୍ୟ ହେବ । ମଞ୍ଜି ହେଉଛି ବୃକ୍ଷର କାରଣ ଓ କାର୍ଯ୍ୟ ମଧ୍ୟ । ବୃକ୍ଷରୁ ବୀଜ ଉତ୍ପନ୍ନ ହୁଏ ଏବଂ ଏହି ସୂତ୍ରରେ ବୃକ୍ଷ ବୀଜ ବା ମଞ୍ଜିର କାରଣ । ପ୍ରତ୍ୟେକ କାର୍ଯ୍ୟ ପଛରେ ତାହାର କାରଣ ତଥା ପ୍ରତ୍ୟେକ କାରଣ ଦ୍ୱାରା କାର୍ଯ୍ୟ ସଂପାଦିତ ହେବା ସ୍ୱାଭାବିକ । କାର୍ଯ୍ୟ ସର୍ବଦା କାରଣ ଅନୁସାରେ ସଂଘଟିତ ହୁଏ । ଏହାହିଁ ହେଉଛି କାରଣ-କାର୍ଯ୍ୟ ସମ୍ବନ୍ଧରେ ଚିରନ୍ତନ ଶୃଙ୍ଖଳା ବା ମିମାଂସା ।

# ପଞ୍ଜାବକୁ ଫେରୁଛି ସନ୍ତ୍ରାସ

ସୌମେନ୍ଦ୍ର ଜେନା

ପାଖାପାଖି ଦେଢ ଦଶନ୍ଧି ଧରି ପଞ୍ଜାବରେ ଚାଲିଥିବା ଶିଖ ଉଗ୍ରପନ୍ଥୀମାନଙ୍କ ସନ୍ତ୍ରାସକୁ ଦମନ କରାଯିବାର ପ୍ରାୟ ଦୁଇ ଦଶନ୍ଧିପରେ ପୁଣି ସନ୍ତ୍ରାସ ଏବେ ପଞ୍ଜାବକୁ ଫେରିଥିବାର ସ୍ପଷ୍ଟ ପ୍ରମାଣ ମିଳିଲାଣି । ବିଦେଶୀ ସହାୟତା ଓ ସ୍ଥାନୀୟ ସାର୍ପସୁଟରଙ୍କ ମାଧ୍ୟମରେ ଏହି କାର୍ଯ୍ୟ ଚାଲୁରହିଛି । ପାକ୍‌ର ଆଇଏସଆଇ ଭାରତ ବାହାରେ ଥିବା ଉଗ୍ରବାଦୀ ଶିଖଗୋଷ୍ଠୀଙ୍କ ସହାୟତାରେ ଏହି ସନ୍ତ୍ରାସବାଦୀ କାର୍ଯ୍ୟ ଜାରି ରହିଛି । ସୋସିଆଲ ମିଡିଆ ମାଧ୍ୟମରେ ଉଗ୍ରଶିଖପନ୍ଥୀ ଯୁବକମାନଙ୍କୁ ବଛାଯାଇ ସାମିଲ କରାଯାଉଛି । ବିଦେଶରେ ଥିବା ଗୋଷ୍ଠୀ ସିଧାସଳଖ ପଞ୍ଜାବରେ ନିଜେ ପୂର୍ବପରି ଗଣହତ୍ୟା ନକରି ନିର୍ବାଚିତ ହତ୍ୟା କରୁଛନ୍ତି । ଏମାନଙ୍କ ବେଶପୋଷାକ ଏକପ୍ରକାର ହୋଇଥିବାରୁ ଏବଂ ହତ୍ୟାକାଣ୍ଡପରେ ସ୍ଲୋଗାନ ଦେଇ ଖସିଯାଇଥିବାରୁ ବିଗତ ଦିନମାନଙ୍କରେ ସଂଗଠିତ ହତ୍ୟା ଘଟଣା ପଛରେ ଶିଖ ଗୋଷ୍ଠୀ ଥିବା ସ୍ପଷ୍ଟ ହୋଇଛି । ଲୁଧିଆନାରେ ବାବର ଖାଲସାର ୭ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯିବା ପରେ ଅନୁସନ୍ଧାନକାରୀମାନଙ୍କୁ ନୂଆ ତଥ୍ୟ ମିଳିଛି ।

ବିଗତ ଦୁଇବର୍ଷ ମଧ୍ୟରେ ପଞ୍ଜାବରେ ହିନ୍ଦୁ ଓ ଡେରା ନେତାମାନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଉଛି । ଏପ୍ରିଲ ୨୦୧୬ରେ ନାମଧାରୀ ସଂପ୍ରଦାୟର ପ୍ରମୁଖ ମାତା ଚାନ୍ଦ କୌର (୮୮)ଙ୍କୁ ଲୁଧିଆନା ନିକଟସ୍ଥ ମୈନୀସାହିବ ଠାରେ ଥିବା ପନ୍ଥର ମୁଖ୍ୟ କାର୍ଯ୍ୟାଳୟ ବାହାରେ ହତ୍ୟା କରାଯାଇଥିଲା । ପଞ୍ଜାବରେ ଶିବସେନା ଦଳର ଶ୍ରମିକ ଶାଖା ପ୍ରମୁଖ ଦୁର୍ଗାପ୍ରସାଦ ଗୁପ୍ତାଙ୍କୁ ଲୁଧିଆନାର ଖାନ୍ନାଠାରେ ଗୁଳିକରି ହତ୍ୟା କରାଯାଇଥିଲା । ସେମିତି ୬ଅଗଷ୍ଟ ୨୦୧୬ରେ ପଞ୍ଜାବର ଆରଏସ୍‌ଏସ୍ ନେତା ତଥା ଅବସରପ୍ରାପ୍ତ କମାଣ୍ଡର ବ୍ରିଗେଡିଅର ଜଗଦୀଶ ଗଗନେଜାଙ୍କୁ ଜଳନ୍ଧରର ବଜାରରେ ଗୁଳିକରି ହତ୍ୟା କରାଯାଇଥିଲା । ଜାନୁଆରୀ ୨୦୧୭ରେ ଶ୍ରୀ ହିନ୍ଦୁ ତଖତର ପ୍ରଚାର ବିଭାଗର ମୁଖ୍ୟ ଅମିତ ଶର୍ମାଙ୍କୁ ଲୁଧିଆନାଠାରେ ଗୁଳିକରି ହତ୍ୟା କରାଯାଇଥିଲା । ସେହିମାସ ଭଟିଣ୍ଡାର ମୋର ମଣ୍ଡିଠାରେ ଡେରା ସଚ୍ଚା ସୌଦାର ମୁଖ୍ୟ ଗୁରମିତ ରାମରହିମଙ୍କ ସଂପର୍କୀୟ ତଥା କଂଗ୍ରେସ ଦଳର ପ୍ରାର୍ଥୀ ହରମିନ୍ଦର ସିଂହ ଜସ୍‌ସୀଙ୍କୁ ବୋମାମାଡ କରି ହତ୍ୟା ଉଦ୍ୟମ ହୋଇଥିଲା । କିନ୍ତୁ ସେହି ବୋମା ବିସ୍ଫୋରଣରେ ଅନ୍ୟ ୬ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ଗତ ଫେବୃଆରୀ ମାସରେ ଡେରା ସଚ୍ଚା ସୌଦାର ଅନୁଗାମୀ ଥିବା ପିତା-ପୁତ୍ର ସତପାଲ ଓ ରମେଶଙ୍କୁ ଲୁଧିଆନା ନିକଟସ୍ଥ ଖାନ୍ନାଠାରେ ଗୁଳିକରି ହତ୍ୟା କରାଯାଇଥିଲା । ଏହିସବୁ ଲୋକେ ବିନା ସୁରକ୍ଷାରେ ରହୁଥିଲେ । ଏମାନଙ୍କର କାହାସହ କୌଣସି ପ୍ରକାର ବୈରଭାବ ନଥିଲା । ଲୁଧିଆନାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ ରବିନ୍ଦ୍ର ଗୋସାଇଁଙ୍କ ହତ୍ୟା ଘଟଣା ପରେ ମାମଲା ଏନ୍‌ଆଇଏ ହାତକୁ ନେଇଛି । ଅନୁସନ୍ଧାନରୁ ଯାହା ଜଣାପଡିଛି ୩୨ ବୋର ଓ ୯ ଏମଏମ୍ ପିସ୍ତଲ ବ୍ୟବହାର କରି ଏହିସବୁ ହତ୍ୟା କରାଯାଇଛି । ହତ୍ୟାକାରୀମାନେ ଚେରା ହାଇସ୍ପିଡ୍ ମଟର ସାଇକେଲ ବ୍ୟବହାର କରିଥିଲେ ଅତୀତରେ ପଞ୍ଜାବରେ ହିନ୍ଦୁ ଓ ଶିଖମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରାଇ ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଦିନମାନଙ୍କରେ ଅନେକ ଧ୍ୱଂସାତ୍ମକ କାଣ୍ଡ ଘଟାଇବାକୁ ସମର୍ଥ ହୋଇଥିଲା । ପାକିସ୍ଥାନରେ ଉଗ୍ରବାଦୀ ଶିଖ ସଂଗଠନର ନେତାମାନଙ୍କୁ ଆଶ୍ରୟ ଦେବା ପୂର୍ବକ ଅସ୍ତ୍ରଶସ୍ତ୍ର ମଧ୍ୟ ପ୍ରଦାନ କରାଯାଉଥିଲା । ଏବେ ସେହି ପୁରୁଣା ପରିସ୍ଥିତି ସୃଷ୍ଟି କରିବାଲାଗି ଆଇଏସ୍‌ଆଇ ଓ ବିଦେଶୀ ଉଗ୍ରବାଦୀ ଗୋଷ୍ଠୀ ଉଦ୍ୟମ ଚଳାଇଛନ୍ତି । ଯାହା ଜଣାପଡିଛି ବିଦେଶରେ ରହୁଥିବା ଶିଖ ଉଗ୍ରବାଦୀ ସଂଗଠନର ଲୋକେ ସ୍ଥାନୀୟ ଅପରାଧୀମାନଙ୍କ ସହାୟତାକ୍ରମେ ଏହିସବୁ ହତ୍ୟାକାଣ୍ଡ ଘଟାଇଛନ୍ତି । କାନାଡା, ଜର୍ମାନୀ, ଆରବ ଏମିରେଟ୍, ପର୍ତ୍ତୁଗାଲ, ବେଲଜିୟମ, ଦକ୍ଷିଣ ଆଫ୍ରିକା, ପାକିସ୍ଥାନ ଓ ସାଉଦି ଆରବରେ ରହୁଥିବା ଏହି ସବୁ ଗୋଷ୍ଠୀ ପ୍ରଥମେ ସୋସିଆଲ ମିଡିଆରେ ଶିଖମାନଙ୍କ ବିରୁଦ୍ଧରେ ଘୃଣାଭାବ ପ୍ରଚାରକରି ସେ ସଂପର୍କରେ ଉଗ୍ର ପ୍ରତିକ୍ରିୟା ଦେଇଥିବା ଯୁବକମାନଙ୍କ ସହ ଯୋଗାଯୋଗରଖି ଆତଙ୍କବାଦୀ କାର୍ଯ୍ୟରେ ସାମିଲ ହେବାପାଇଁ ସ୍ଥାନୀୟ ଯୁବକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ନିକଟରେ ଏହିପରି ବାବରଖାଲସା ଦଳରେ ଯୋଗ ଦେଇଥିବା ୭ଜଣ ଯୁବକଙ୍କୁ ଗିରଫ କରାଯାଇଛି । ୭ ନଭେମ୍ବର ୨୦୧୭ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଏବଂ ରାଜ୍ୟ ପୁଲିସ ନିର୍ଦ୍ଦେଶକ ସୁରେଶ ଆରୋରା ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ପଞ୍ଜାବର ୨ଟି ଟାର୍ଗେଟ କିଲିଂ ପଛରେ ଆଇଏସଆଇର ହାତଥିବାର ବିଷୟ ପ୍ରକାଶ କରିଛନ୍ତି । ଏହିସବୁ ଘଟଣା ପଛରେ ଅଭିଯୁକ୍ତ ୪ଜଣଙ୍କୁ ପୁଲିସ ଗିରଫ କରିସାରିଛି । ସେମାନଙ୍କ ମଧ୍ୟରୁ ଜଣେ ନାଭା ଜେଲରେ ବନ୍ଦୀ ରହିଛି । ମୁଖ୍ୟ ସାର୍ପସୁଟରକୁ ମଧ୍ୟ ଗିରଫ କରାଯାଇଥିଲେ ହେଁ ପୁଲିସ ପକ୍ଷରୁ ତା ପରିଚୟକୁ ସାଧାରଣରେ ଗୋପନ ରଖାଯାଇଛି ।

ଇଂଲଣ୍ଡରେ ରହୁଥିବା ସୁରିନ୍ଦର ସିଂହ ବାବର ପଞ୍ଜାବର ସନ୍ତ୍ରାସବାଦୀ କାର୍ଯ୍ୟପାଇଁ ବାବର ଖାଲସାରେ ନିଯୁକ୍ତି ଦେବା ସହ ଯୁବକମାନଙ୍କୁ ଆର୍ଥିକ ସହାୟତା ଦେଉଛି । ଖଲିସ୍ଥାନ ବିରୋଧରେ ମତବ୍ୟକ୍ତ କରୁଥିବା ଲୋକଙ୍କୁ ଏଥିପାଇଁ ଟାର୍ଗେଟ କରାଯାଉଛି । ଗିରଫ ହୋଇଥିବା ଆତଙ୍କବାଦୀ କୁଳଦୀପ ସିଂହ ରିଙ୍କି, ଜସ୍‌ବୀର ସିଂହ ଜସ୍‌ସା, ଅମନପ୍ରିତ ସିଂହ ଅମନା, ମନପ୍ରୀତ ସିଂହ, ଓଙ୍କାର ସିଂହ, ଯୁଗରାଜ ସିଂହ ଓ ଅମୃତପାଲ ସିଂହଠାରୁ ୩୨ ବୋର କଣ୍ଟ୍ରିମେଡ ବନ୍ଧୁକ ଓ ୨୦ଟି ଗୁଳି ଜବତ ହୋଇଛି । ଏମାନଙ୍କ ମଧ୍ୟରେ ଜଣେ ୧୮ବର୍ଷରୁ କମ ବୟସର ଜଣେ ପିଲା ମଧ୍ୟ ରହିଛି । ବିଗତ କିଛିବର୍ଷ ଧରି ପଞ୍ଜାବରେ ଧାର୍ମିକ ଭାବନା ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟିଲାଗି ଅନୁକୂଳ ବାତାବରଣ ଆସିଛି । ପଞ୍ଜାବର ଯୁବକମାନଙ୍କୁ ସୁଯୋଗରୁ ବଞ୍ଚିତ କରାଯାଉଥିବାର ଏକ ତ୍ରୁଟିପୂର୍ଣ୍ଣଭାବନା ଏବେ ବଢିବାରେ ଲାଗିଛି । ବିଶେଷ କରି ଧାର୍ମିକ ଅନୁଷ୍ଠାନଗୁଡିକରେ କିଛି ଲୋକ ଏପରି ଘୃଣାପୂର୍ଣ୍ଣ ଧାରଣା ସୃଷ୍ଟି କରୁଛନ୍ତି । ବିଶେଷତଃ ଇଂଲଣ୍ଡ ଓ କାନାଡାରେ ଦୀର୍ଘଦିନ ଧରି ବସବାସ କରୁଥିବା ଶିଖ୍ ସଂଗଠନର ଉଗ୍ରବାଦୀ ଲୋକେ ଭାରତରେ ଶିଖ୍‌ମାନଙ୍କୁ ଅବହେଳା କରାଯାଉଥିବାର ମିଥ୍ୟା ପ୍ରଚାରରେ ବ୍ୟସ୍ତ । ଗ୍ରାମୀଣ କ୍ଷେତ୍ରରେ କୃଷିର ମାନ୍ଦାବସ୍ଥା ଓ ବେରୋଜଗାରୀ ଯୁବକଙ୍କ ସଂଖ୍ୟା ବୃଦ୍ଧି ଏଥିପାଇଁ ସହାୟକ ହୋଇଛି । ବିଦେଶୀ ଶିଖ୍ ସଂଗଠନଗୁଡିକ ଧାର୍ମିକ କାର୍ଯ୍ୟ ନାମରେ ଅନେକ ଅର୍ଥ ଭାରତକୁ ପଠାଉଛନ୍ତି, ଯାହା ଏହିସବୁ ଉଗ୍ରବାଦୀଙ୍କ ହାତକୁ ଭିନ୍ନ ଭିନ୍ନ ମାଧ୍ୟମରେ ଯାଉଛି ।

ଗତବର୍ଷ ୬ ଅଗଷ୍ଟରେ ଜଳନ୍ଧରର ସଂଘନେତା ବ୍ରିଗେଡିଅର ଗଗନେଜାଙ୍କ ହତ୍ୟା ମାମଲାର ଅନୁସନ୍ଧାନ କରି ଏହା ପଛରେ ବିଦେଶୀ ସଂପର୍କ ଥିବା ପୁଲିସ ଜାଣିବାକୁ ପାଇଥିଲା । କିନ୍ତୁ ବିଦେଶରୁ ସେମାନଙ୍କୁ ଭାରତ ଆଣିବା ପୁଲିସ ପକ୍ଷେ ସହଜ ନଥିବାରୁ ସେଥିପାଇଁ ପୁଲିସ ସୁଯୋଗ ଅପେକ୍ଷାରେ ଥିଲା । ଏହି ଘଟଣାରେ ସାମିଲ ଥିବା ଜିମ୍ମି ଜଙ୍ଗକୁ ଗତ ନଭେମ୍ବରରେ ଇନ୍ଦିରା ଗାନ୍ଧି ଆନ୍ତର୍ଜାତିକ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା । ସେ ଇଂଲଣ୍ଡରୁ ଭାରତକୁ ଆସିଥିଲା । ଏହାପରେ ଇଂଲଣ୍ଡ ନିବାସୀ ଜଗତାର ସିଂହକୁ ଗିରଫ କରାଗଲା । ସେମାନଙ୍କଠାରୁ ସୂତ୍ରପାଇ ପୁଲିସ ନାଭା ଜେଲରେ ବନ୍ଦୀଥିବା ଗ୍ୟାଙ୍ଗଷ୍ଟର ଗୁଗ୍‌ନୀ ମେହେରବାନ ସଂପର୍କରେ ଜାଣିବାକୁ ପାଇଲା । ତାକୁ ରିମାଣ୍ଡରେ ଆଣିବା ପରେ ଜଣାଗଲା ଯେ ଷଡଯନ୍ତ୍ରରେ ପ୍ରବାସୀ ଭାରତୀୟ ଜଗତାର ସିଂହ ଜୌହଲ ମଧ୍ୟ ରହିଛି । ସେ ଇଂଲଣ୍ଡରେ ହୋଟେଲ ବ୍ୟବସାୟ କରୁଛି । ଜାମ୍ମୁର ଜିମ୍ମି ସିଂହକୁ ଇଂଲଣ୍ଡରେ ସେ ଅସ୍ତ୍ରଶସ୍ତ୍ର କିଣିବା ଉଦ୍ଦେଶ୍ୟରେ ୪୦୦୦ ପାଉଣ୍ଡ ପ୍ରଦାନ କରିଥିଲା । ହତ୍ୟା ଘଟଣାରେ ସାମିଲ ବାଇକ ଚାଳକ ଲୁଧିଆନାର ଚୁହଡଓ୍ୱାଲା ଗ୍ରାମର ରମଣଦୀପ ସିଂହ ଥିବା ଜଣାପଡିଥିଲା । ସେ ଉଗ୍ରବାଦୀ ସଂଗଠନ ସହ ସିଧା ସଂପର୍କ ରଖିଥିଲା । ରମଣଦୀପ ଜଣେ ଡ୍ରାଇଭର ବୋଲି ଜଣାପଡିଛି ।

ଏବେ ସନ୍ତ୍ରାସବାଦୀ ସଂଗଠନର ନେତାମାନେ ନିଜେ ସିଧାସଳଖ ଆଗକୁ ନଆସି ନିଜ ନିର୍ଦ୍ଦେଶରେ କାର୍ଯ୍ୟ କରିପାରୁଥିବା ଦଳଗଠନରେ ଲାଗିଛନ୍ତି । ଆଗେ କୌଣସି ଘଟଣା ପରେ ଉଗ୍ରବାଦୀ ସଂଗଠନ ପକ୍ଷରୁ ଯେପରି ନିଜେ ସଂପୃକ୍ତ ରହିଥିବାର ସାଧାରଣରେ ପ୍ରକାଶ କରାଯାଉଥିଲା ତାହା ଏବେ ଆଉ ସେପରି ହେଉନାହିଁ । ଏବେ ସୁଟରମାନଙ୍କୁ ସୁପାରି ଦେଇ ହତ୍ୟାକାଣ୍ଡ ପାଇଁ ପ୍ରୋତ୍ସାହନ ଦିଆଯାଉଛି ।

ଅତୀତରେ ପଞ୍ଜାବର ମୋଗାଠାରେ ଏକ ଖୋଲା ପଡିଆରେ ଆରଏସ୍‌ଏସ୍ ଶାଖା ଲାଗିଥିଲାବେଳେ ଆକ୍ରମଣ ହୋଇଥିଲା । ସେହି ଘଟଣାରେ ୨୦ରୁ ଅଧିକ ସ୍ୱୟଂସେବକଙ୍କ ମୃତ୍ୟୁ ହୋଇଥିଲା । ହିନ୍ଦୁମାନଙ୍କ ମନରେ ଭୟପୂର୍ଣ୍ଣ ବାତାବରଣ ସୃଷ୍ଟି ପାଇଁ ମୋଗା ଗଣହତ୍ୟାର ରଚନା କରାଯାଇଥିଲା । ଏପରିକି ରାମତୀର୍ଥଠାରେ ଜଗନ୍ନାଥ ପ୍ରତିମୂର୍ତ୍ତିକୁ ମଧ୍ୟ ପୋଡି ଦିଆଯାଇଥିଲା । ଏସବୁ ଯୋଜନା ପଛରେ ରହିଥିଲା ସାଂପ୍ରଦାୟିକ ବିଦ୍ୱେଷ ସୃଷ୍ଟିର ଷଡଯନ୍ତ୍ର । ଏବେ ସେମିତି ବାତାବରଣ ମଧ୍ୟରେ ସଂଘର୍ଷ ଓ ରକ୍ତପାତ ପାଇଁ ପାକ ସଂସ୍ଥା ଆଇଏସଆଇ ସମେତ ବିଦେଶୀ ଉଗ୍ରବାଦୀ ସଂଗଠନର ଲକ୍ଷ୍ୟ ରହିଛି । ସ୍ଥାନୀୟ ଅପରାଧୀମାନଙ୍କ ପାଖକୁ ନିଶାଦ୍ରବ୍ୟ ମାଧ୍ୟମରେ ଅର୍ଥ ଯୋଗାଇ ଦିଆଯାଉଛି ।

ପାକ୍-ପଞ୍ଜାବର ସୀମାଦେଇ ସ୍ଥଳପଥରେ ଯେମିତି ନିଶା ଦ୍ରବ୍ୟ ଆସୁଛି ସେମିତି ଗ୍ୱାଦର ବନ୍ଦର ଦେଇ ଭିନ୍ନ ଭିନ୍ନ କୌଶଳରେ ଭାରତକୁ ନିଶାଦ୍ରବ୍ୟ ଚାଲାଣ କରାଯାଉଛି । ୨୯ ଜୁଲାଇ ୨୦୧୭ରେ ଭାରତର ରକ୍ଷାପୋତ ସମୁଦ୍ର ପାବକ ଗୁଜରାଟର ପୋରବନ୍ଦର ଉପକୂଳଠାରୁ ସମୁଦ୍ର ମଧ୍ୟରେ ୩୦୦ କିଲୋମିଟର ଦୂରରେ ପାନମାଠାରେ ପଞ୍ଜିକୃତ ହୋଇଥିବା ଏମ୍‌ଭି ହେନେରୀ ନାମକ ବାଣିଜ୍ୟିକ ପୋତକୁ ୨୭ଜୁଲାଇ ଠାରୁ ନଜର ରଖି ଅଟକାଇଥିଲା । କାରଣ ଏଜେନ୍‌ସୀକୁ ସନ୍ଦେହଜନକ କଥାବାର୍ତ୍ତାର ସୁରାକ ମିଳିଥିଲା । ହେନେରୀ ଗୁଜରାଟର ଭାବନଗର ଜିଲ୍ଲାର ଅଲଙ୍ଗ ଜାହାଜଭଙ୍ଗା ୟାର୍ଡକୁ ଯାଉଥିଲା । ସେଠାରେ ନିଶାବେପାରୀ ସଦସ୍ୟଙ୍କୁ ନିଶାଚାଲାଣ କରିବା ଲକ୍ଷ୍ୟ ଥିଲା । ହେନେରୀ ଜାହାଜକୁ ତନଖି କଲା ପରେ ଷ୍ଟିଲର ଖୋଲା ପାଇପ ମଧ୍ୟରେ ରଖାଯାଇଥିବା ୧.୫ଟନ୍ (୧୫୦୦) କି.ଗ୍ରା ଓଜନର ଶୁଦ୍ଧ ଆଫଗାନ ହେରୋଇନ ମିଳିଥିଲା । ବିଶ୍ୱବଜାରରେ ଏହି ପରିମାଣର ହେରୋଇନର ମୂଲ୍ୟ ପ୍ରାୟ ୧୨୦୦ କୋଟି ଟଙ୍କା ହେବ । ଗ୍ୱାଦର ବନ୍ଦରରୁ ନିଶାଦ୍ରବ୍ୟ ନେଇ ଆସୁଥିବା ତିନୋଟି ନୌକାରୁ ଏହି ନିଶାଦ୍ରବ୍ୟ ସମୁଦ୍ର ମଧ୍ୟରେ ହେନେରୀରେ ଲଦାଯାଇଥିଲା । ପରେ ଏହା ଆବୁଧାବି ବନ୍ଦରକୁ ଯାଇ ସେଠାରେ ଷ୍ଟିଲ ପାଇପ ମଧ୍ୟରେ ନିଶାଦ୍ରବ୍ୟ ରଖାଯାଇ ୱେଲଡିଂ ସାହାଯ୍ୟରେ ବନ୍ଦ କରାଗଲା । ତାପରେ ହେନେରୀ ଆବୁଧାବିରୁ ଭାରତ ଯାତ୍ରା କରିଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ହେଲା ପ୍ରତିବର୍ଷ ୩୩୦୦ଟନ୍ ଓଜନର ଅଫିମ ଆଫଗାନିସ୍ଥାନରେ ଉତ୍ପାଦିତ ହୋଇଥାଏ । ଏହା ପୃଥିବୀରେ ଉତ୍ପାଦିତ ଅଫିମର ୭୦ ପ୍ରତିଶତ । ଏହି ସବୁ ନିଶାଦ୍ରବ୍ୟକୁ ତିନୋଟି ରାସ୍ତା ଦେଇ ବିଶ୍ୱକୁ ଚାଲାଣ କରାଯାଇଥାଏ । ପ୍ରଥମଟି ଆଫଗାନିସ୍ଥାନର ଉତ୍ତର ଦିଗରେ ପୂର୍ବତନ ସୋଭିଏତ ସଂଘ ଦେଶ ଦେଇ ରୁଷିଆକୁ ଯାଇଥାଏ । ୨ୟ ମାର୍ଗଟି ଇରାନ-ଇରାକ ଦେଇ ବଲକାନ ପଥରେ ଇଉରୋପ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାକୁ ଯାଇଥାଏ । ତୃତୀୟଟି ଦକ୍ଷିଣ ଦିଗରେ ଆରବ ସାଗର ଦେଇ ଭାରତ, ଆମେରିକା ଏବଂ ଆଫ୍ରିକାର ଦକ୍ଷିଣ ଭାଗକୁ ପଠାଯାଇଥାଏ । ଭାରତରୁ ପୂର୍ବ ଏସିଆର ଦେଶଗୁଡିକୁ ଏହି ନିଶା ସ୍ଥଳଭାଗ ଦେଇ ଚାଲାଣ ହୋଇଥାଏ । ଚଳିତ ବର୍ଷ ସମୁଦ୍ର ପଥରେ ସୁଏଜ୍ କେନାଲ ଦେଇ କଙ୍ଗୋ ପତାକା ଲାଗିଥିବା ଏକ ଜାହାଜରେ ୧ଟନ୍ (୧୦୦୦) କିଗ୍ରା ଓଜନର ନିଶାଦ୍ରବ୍ୟ ଚାଲାଣ ହେଉଥିବାବେଳେ ତୁର୍କୀର ଅଧିକାରୀମାନେ ଜବତ କରିଥିଲେ । ଏହି ନିଶାଦ୍ରବ୍ୟ ଉତ୍ପାଦନ ପଛରେ ତାଲିବାନ ଗୋଷ୍ଠୀ ସକ୍ରୀୟ ରହିଛନ୍ତି । ଚାଲାଣରେ ପାକ୍‌ର ଆଇଏସଆଇ ଏହି ଉଗ୍ରବାଦୀଙ୍କୁ ସହାୟତା କରି ଅର୍ଥଲାଭ କରୁଛି । ନିଶା ଦ୍ରବ୍ୟ କାରବାରରୁ ସଂଗୃହୀତ ବିପୁଳ ପରିମାଣର ଅର୍ଥକୁ ଏହି ଦୁଇ ଗୋଷ୍ଠୀ ବିଶ୍ୱରେ ଆତଙ୍କବାଦ ବଢାଇବା କ୍ଷେତ୍ରରେ ବିନିଯୋଗ କରୁଛନ୍ତି । ଏହି ଅର୍ଥରେ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ, ବେତନ, ଅସ୍ତ୍ରଶସ୍ତ୍ର ଯୋଗାଣ ପରି କାର୍ଯ୍ୟ ହେଉଛି । ଏହି ନିଶାଦ୍ରବ୍ୟ ଚାଲାଣର ବଡ କ୍ଷେତ୍ର ଏବେ ପଞ୍ଜାବ ପାଲଟିଛି । ସବୁଠୁ ଅଧିକ ନିଶାଖୋର ଏବେ ପଞ୍ଜାବରେ ରହିଥିବାର ଜଣାପଡିଛି । ଯୁବକମାନଙ୍କୁ ନିଶାଖୋର କରି ସେମାନଙ୍କ ମାଧ୍ୟମରେ ଅପରାଧ ଓ ଆତଙ୍କବାଦ ସୃଷ୍ଟି କରିବା ପାଇଁ ଶିଖ ଆତଙ୍କବାଦୀ ସଂଗଠନ ଓ ଆଇଏସଆଇର ଯୋଜନା ଚାଲୁରହିଛି ।

୨୦୦୫ରେ ନୂଆଦିଲ୍ଲୀ ସିନେମା ହଲ ବିସ୍ଫୋରଣ ପଛର ମାଷ୍ଟରମାଇଣ୍ଡ ଥିବା ବାବର ଖାଲସା ଆତଙ୍କବାଦୀ ଜଗରସିଂହ ହାୱରା ବ୍ୟାଙ୍କଖାତାକୁ ଜର୍ମାନୀରୁ ୧୯ଲକ୍ଷ ଟଙ୍କା ଆସିଥିବା ଇଡି କର୍ମଚାରୀ ୨୦୧୦ରେ ଜାଣିବାକୁ ପାଇଥିଲେ । ୪୦ବର୍ଷ ବୟସ୍କ କରୱିନ୍ଦର ସିଂହକୁ ଗିରଫ କରାଯିବା ପରେ ତାର ସଂପର୍କ ବାବର ଖାଲସା ସହ ରହିଥିବା ଜଣାପଡିଥିଲା । ଠିକ୍ ସେମିତି ପଞ୍ଜାବର ଜଣେ ପୂର୍ବତନ ସନ୍ତ୍ରାସବାଦୀ କାଶ୍ମୀରୀ ସିଂହ ମଧ୍ୟ ୫୦ କି.ଗ୍ରା ହେରୋଇନ ଚାଲାଣ ବେଳେ ଧରାପଡିଥିଲା । ତେଣୁ ପଞ୍ଜାବର ସନ୍ତ୍ରାସବାଦୀଙ୍କୁ ଅର୍ଥ ନାନା ପ୍ରକାରେ ଯୋଗାଇ ଦିଆଯାଉଛି ।

ଅକାଳୀ ଦଳର ସରକାର ପଞ୍ଜାବରେ ଥିଲାବେଳେ ଯେପରି ନିଶା ଓ ସନ୍ତ୍ରାସର କାର୍ଯ୍ୟକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ ସେମିତି ଏବର ଅମିରନ୍ଦର ସିଂହ ସରକାର ମଧ୍ୟ ସେହି ମାର୍ଗରେ ଚାଲିଛନ୍ତି । ପଞ୍ଜାବର କୌଣସି ରାଜ୍ୟ ସରକାର ଏହିସବୁ ଧାର୍ମିକ ସନ୍ତ୍ରାସୀ ଗୋଷ୍ଠୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାପାଇଁ ଇଚ୍ଛା ନକରିବା ଯୋଗୁ ଏବେ ପୁନର୍ବାର ସନ୍ତ୍ରାସବାଦ ପଞ୍ଜାବରେ ମୁଣ୍ଡ ଟେକିବାକୁ ପ୍ରୟାସ ଚଳାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ମିଳିତ ଉଦ୍ୟମ ନକଲେ ଆଗାମୀ ଦିନରେ କାଶ୍ମୀର ପରି ପଞ୍ଜାବ ମଧ୍ୟ ଉପଦ୍ରବୀଙ୍କ ରାଜ୍ୟରେ ପରିଣତ ହେବ ।

**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

ଡଃ. ଅରୁନ୍ଧତୀ ଦେବୀ

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଆଧୁନିକ ଓଡ଼ିଆ ସାହିତ୍ୟର ନାଟକ ଯୁଗର ପ୍ରବର୍ତ୍ତକ ରୂପେ ପରିଚିତ ହେଲେ ମଧ୍ୟ ତାଙ୍କର ଅମର ଲେଖନୀ ଗଳ୍ପ, ଉପନ୍ୟାସ, କବିତା, ଶିଶୁସାହିତ୍ୟ, ସଙ୍ଗୀତ, କାବ୍ୟନାଟିକା ଆଦି ସମସ୍ତ ବିଭାଗକୁ ଋଦ୍ଧିମନ୍ତ କରି କବିଚନ୍ଦ୍ର ଉପାଧିର ଯଥାର୍ଥତା ପ୍ରତିପାଦନ କରିଛି ।

ଓଡ଼ିଆ ନାଟ୍ୟ ସାହିତ୍ୟର ଏହି ସଂସ୍କୃତି ପୁରୁଷ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବଡ଼ମ୍ବାଗଡ଼ ଠାରେ ଜନ୍ମ ନେଇଥିଲେ । ପିତାମହ ନିମାଇଁଚରଣ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ଜଣେ ବିଦଗ୍ଧ ରସିକ ହୋଇଥିବାବେଳେ ପିତା ଦୁର୍ଗାଚରଣ ଥିଲେ ସାହିତ୍ୟାନୁରାଗୀ । କିନ୍ତୁ ଯାହାଙ୍କ ଦ୍ୱାରା କାଳୀଚରଣ ଅଧିକ ପ୍ରଭାବିତ ଓ ଅନୁପ୍ରାଣୀତ ହୋଇଥିଲେ, ସେ ହେଉଛନ୍ତି ତାଙ୍କର ଦିଗ୍‌ଦର୍ଶକ ଗୁରୁ ଓଡ଼ିଶୀ ସଂସ୍କୃତିର ପୂଜାରିଣୀ ପରୋପକାରିଣୀ ବାତ୍ସଲ୍ୟମୟୀ ମାତା ରାଧାମାଳୀ ଦେବୀ । ମାତ୍ର ୨୨ ବର୍ଷ ବୟସରେ ପିତାଙ୍କ ମୃତ୍ୟୁ ଯୋଗୁଁ ତାଙ୍କର ପାଠପଢ଼ା ଅଧାରୁ ବନ୍ଦ ହୋଇଗଲା । ଏହାପରେ ସେ ତାଙ୍କର ପରବର୍ତ୍ତୀ ଜୀବନ ନାଟକ ଜଗତକୁ ସମର୍ପଣ କରିଦେଇଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କାଳୀଚରଣ ପ୍ରଥମେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ । ବାଙ୍ଗୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଞ୍ଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ତୁଙ୍ଗଦେଶକୁ ସ୍ପର୍ଶ କଲା । ୧୯୧୮ ମସିହାରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି । ଏତଦ୍ ବ୍ୟତୀତ ୧୯୨୯ ମସିହାରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ଗଠନ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି ନିମନ୍ତେ ତାଙ୍କର ମହାର୍ଘ ଦାନ । ସଙ୍ଗୀତ କ୍ଷେତ୍ରରେ ତାଙ୍କର ପ୍ରଚଣ୍ଡ ପ୍ରତିଭା ବଳରେ ଗଜପତି ରାମଚନ୍ଦ୍ର ଦେବଙ୍କର ରାଜ ଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଂକୃତ କରିଥିବା କାଳୀଚରଣ ଗଜପତିଙ୍କ ଦ୍ୱାରା ୧୯୨୭ ମସିହା ସୁନିଆଁ ଦିନ କବିଚନ୍ଦ୍ର ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞା ଦେଇଥିଲେ । ଏହାପରେ ୧୯୪୪ ମସିହାରେ 'ଉତ୍କଳ ସାହିତ୍ୟ ସମାଜ' ଦ୍ୱାରା 'ନାଟ୍ୟାଚାର୍ଯ୍ୟ', ୧୯୭୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' (ପ୍ରତ୍ୟାଖ୍ୟାତ), କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ସମ୍ମାନଜନକ ଫେଲୋସିପ୍, ୧୯୭୦ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଡି.ଲିଟ୍ ଉପାଧି ଓ ୧୯୭୭ ମସିହାରେ ଆତ୍ମଜୀବନୀ ଗ୍ରନ୍ଥ - କୁମ୍ଭାର ଚକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ମଧ୍ୟ ଏସବୁ ଓଡ଼ିଆ ଜାତି, ସଂସ୍କୃତି ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ତୁଳନାରେ ନଗଣ୍ୟ । ରୀତିଯୁଗୀୟ ରଚନାଶୈଳୀକୁ ସ୍ୱୀୟ କଳାକୁଶଳତାର ପ୍ରଲେପ ଦେଇ ଏକ ନୂତନ ଓ ବାସ୍ତବବାଦୀ ନାଟ୍ୟପ୍ରବାହର ଧାରା ସୃଷ୍ଟି କରିଥିବା କାଳୀଚରଣ ଶେଷରେ ନିଃସହାୟ ଭାବେ ୧୯୭୮ ମସିହା ଜୁଲାଇ ୨୪ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

*ଡ଼ଃ.ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,*
*ଦୂରଭାଷ : ୯୪୩୭୧୨୪୫୭୨*

MARKETS TODAY
ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 33940.3 +184.02 (+0.55%) |
| NIFTY | 10493 +52.7 (+0.50%) |

ସୁନା 24K (MCX) (Rs/10g.) 28,531

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 64.04

## ଜେରୁଜେଲମ ପ୍ରସଙ୍ଗରେ ଆମେରିକା ବିରୋଧରେ ଭୋଟ ଦେଇଥିବା ରାଷ୍ଟ୍ରମାନଙ୍କୁ ଆମେରିକାର ଧମକ

# କିଏ କ'ଣ କରିଛ; ଭୁଲିବୁ ନାହିଁ

ନୂଆଦିଲ୍ଲୀ/ନ୍ୟୁୟର୍କ ,୨୨/୧୨(ଏଜେନ୍ସି) : ଆମେରିକା ଜେରୁଜେଲମକୁ ଇସ୍ରାଏଲର ରାଜଧାନୀ ଭାବେ ମାନ୍ୟତା ଦେବା ସହ ସେଠାରେ ଏହାର ରାଷ୍ଟ୍ରଦୂତଙ୍କୁ ଅବସ୍ଥାନ ପାଇଁ ଅନୁମତି ଦେଇଛି । ଏହା ବିରୋଧରେ ପାଲେଷ୍ଟାଇନ ଆମେରିକାର ଏଭଳି କାର୍ଯ୍ୟକୁ ଜାତିସଂଘ ବିରୋଧ କରୁ ବୋଲି ଏକ ପ୍ରସ୍ତାବ ଆଗତ କରିଥିଲା । ଏହି ପ୍ରସ୍ତାବକୁ ସୁରକ୍ଷା ପରିଷଦର ୧୫ରୁ ୧୪ଟି ସଦସ୍ୟ ସମର୍ଥନ କରିଥିଲେ ହେଁ ଆମେରିକା ଭିଟୋ କରିଥିଲା । ଫଳରେ ଏହା ଉପରେ ଜାତିସଂଘ ସାଧାରଣ ପରିଷଦରେ ଗୁରୁବାର ଭୋଟ କରାଯାଇଥିଲା । ବ୍ୟବସ୍ଥା ଅନୁସାରେ କୌଣସି ପ୍ରସ୍ତାବ ଉପରେ ଯଦି ଭିଟୋ ହୁଏ ତେବେ ଏହା ଉପରେ ସାଧାରଣ ପରିଷଦରେ ଭୋଟ ହୋଇଥାଏ । ଏଥିରେ ପାଲେଷ୍ଟାଇନର ଉକ୍ତ ପ୍ରସ୍ତାବ ଗୃହୀତ ହୋଇଛି । ତେଣୁ ଆମେରିକା ଭୀଷଣ କ୍ଷୁବ୍ଧ ହୋଇଛି । ଆମେରିକା କହିଛି ଯେ, ଯେଉଁ ଦେଶମାନେ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି ସେମାନଙ୍କୁ ଆମେ ଭୁଲିବୁ ନାହିଁ । ଠିକଣା ସମୟରେ ଜବାବ ଦେବୁ । ତେବେ ଜାତିସଂଘର ପ୍ରସ୍ତାବକୁ ଆମେ ଖାତିର କରିନାହୁଁ ବୋଲି ଆମେରିକାର ସ୍ଥାୟୀ ପ୍ରତିନିଧି ନିକୀ ହେଲୀ କହିଛନ୍ତି । ସେପଟେ ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ରୈଦ ଅଲ ମାଲକି କହିଛନ୍ତି ଯେ, ଜାତିସଂଘ କେବଳ ଜଳପାନ କରି ଗପ ଗପିବାର କ୍ଲବ ପାଲଟିଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି ଯେ, ଜାତିସଂଘ ମିଛୁଆଙ୍କ ଘର । ଜାତିସଂଘରେ ଅବସ୍ଥାପିତ ଇସ୍ରାଏଲର ରାଷ୍ଟ୍ରଦୂତ ଡ୍ୟାନି ଡ୍ୟାନନ କହିଛନ୍ତି ଯେ, ଜାତିସଂଘର ଏଭଳି ହଜାରେ ପ୍ରସ୍ତାବ ପରିତ ହେଲେ ମଧ୍ୟ କେହି ଆମକୁ ରୋକି ପାରିବେ ନାହିଁ । ପ୍ରକାଶ ଥାଉକି ଆମେରିକାକୁ ସମର୍ଥନ କରି ପାଲେଷ୍ଟାଇନର ପ୍ରସ୍ତାବ ବିରୋଧରେ ଗୁଏତମାଲା, ହୋଣ୍ଡୁରାସ, ଇସ୍ରାଏଲ , ମାର୍ଶାଲ ଆଇଲ୍ୟାଣ୍ଡ, ମାଇକ୍ରୋନେସିଆ , ମାଓରୁ , ପାଲାଉ ଓ ଟୋଗୋ ଭଳି ଛୋଟ ଛୋଟ ଦେଶ ଭୋଟ ଦେଇଥିଲେ । ତେବେ ବଡ ଦେଶମାନଙ୍କ ମଧ୍ୟରୁ ସୁରକ୍ଷା ପରିଷଦରେ ଆମେରିକାକୁ ବିରୋଧ କରିଥିବା ୟୁକ୍ରେନ ସମତେ ଅଷ୍ଟ୍ରେଲିଆ , କାନାଡା, କ୍ରୋଏସିଆ , ଚେକ ଗଣରାଜ୍ୟ , ମେକ୍ସିକୋ , ଫିଲିପାଇନ୍ସ, ପୋଲାଣ୍ଡ, ରୁମାନିଆ , ରୁଆଣ୍ଡା ହଙ୍ଗେରୀ ଲାଟଭିଆ ଓ ଆର୍ଜେଣ୍ଟିନା ଭଳି ୩୫ଟି ଦେଶ ଭୋଟ ଦାନରୁ ବିରତ ରହିଥିଲେ । ପାଲେଷ୍ଟାଇନ ପ୍ରସ୍ତାବ ସପକ୍ଷରେ ୧୨୮ ଓ ବିପକ୍ଷରେ ୯ଟି ଭେଟ ପଡିଥିବା ବେଳେ ୩୫ଟି ଦେଶ ମତଦାନରୁ ବିରତ



ରହିଥିଲା । ଏହି ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ ଦେଇଥିବାରୁ ଆମେରିକା ଓ ଇସ୍ରାଏଲ ଗଭୀର ନୈରାଶ୍ୟ ବ୍ୟକ୍ତ କରିଛନ୍ତି ।

ଜେରୁଜେଲମକୁ ଆମେରିକା କୂଟନୈତିକ ମାନ୍ୟତା ଦେବା ଇସ୍ରାଏଲ ପାଇଁ ବଡ ଉପଲବ୍ଧି ହୋଇଥିବା ବେଳେ ମଧ୍ୟ ପ୍ରାଚ୍ୟର ମୁସଲିମ ଦେଶମାନଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହି ସହରରେ ଟେମ୍ପଲ ମାଉଣ୍ଟ ଓ ଅଲ-ଆକସା ମସଜିଦକୁ ନେଇ ୟେହୁଦୀ ଓ ମୁସଲମାନମାନେ ନିଜର ଦାବି କରିଥାନ୍ତି । ଏହି କାରଣରୁ ସବୁ ବେଳେ ବିବାଦ ଲାଗି ରହିଛି । ଆଜି ପର୍ଯ୍ୟନ୍ତ ବିଶ୍ୱ ସମୁଦାୟ ଜେରୁଜେଲମକୁ ଏକ ବିବାଦୀୟ ସ୍ଥାନ ଭାବେ ପରିଗଣିତ କରିଥାନ୍ତି । ଠିକ ଏହି କାରଣରୁ ପାଲେଷ୍ଟାଇନ୍ର ଗାଜାପଟ୍ଟି ଉପରେ ଶାସନ କରୁଥିବା ଆତଙ୍କବାଦୀ ସଂଗଠନ ହମାସ ପକ୍ଷରୁ ଇସ୍ରାଏଲ ଉପରେ ବାରମ୍ବାର ଆକ୍ରମଣ ହୋଇଥାଏ । ପ୍ରକାଶଯୋଗ୍ୟ ଯେ, ଖ୍ରୀଷ୍ଟପୂର୍ବ ୧୦୦୦ ବର୍ଷ ଦଳୁ ଇହୁଦୀମାନେ ଇସ୍ରାଏଲ୍ ଭୂଖଣ୍ଡରେ ରହିଆସୁଥିଲେ । ବିଭିନ୍ନ ସମୟରେ ସେମାନଙ୍କ ଉପରେ ଆକ୍ରମଣ ହେଉଛି । ପ୍ରାୟ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ସେମାନେ ଏଠାରେ ଶାନ୍ତିରେ ଥିବାବେଳେ ଚତୁର୍ଥ ଶତାବ୍ଦୀରେ ଖ୍ରୀଷ୍ଟିୟାନ ଧର୍ମର ପ୍ରଭାବ ଯୋଗୁ ବଳିୟାନ ହୋଇଥିବା ରୋମ ସାମ୍ରାଜ୍ୟ ଇସ୍ରାଏଲକୁ ଦଖଲ ନେଇଥିଲେ । ୩୦୦ ବର୍ଷ ଧରି ଏଠାରେ ରୋମର ଶାସକଙ୍କ ଆଧିପତ୍ୟ ଥିଲା । ସପ୍ତମ ଶତାବ୍ଦୀରେ ଇସଲାମର ଅଭ୍ୟୁଦୟ ପରେ ଆରବର ଶାସକମାନେ ଏହାକୁ ଦଖଲ ନେବା ପାଇଁ ଉଦ୍ୟମ କରିଥିଲେ । ଆରବ ଓ ଆରବର ଇସଲାମିକ ଶାସକ ଓ ରୋମର ଖ୍ରୀଷ୍ଟିୟାନ ଶାସକ ଏଠାରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ପରସ୍ପର ମଧ୍ୟରେ ଲଢେଇ କରୁଥିଲେ । ଫଳରେ ମୂଳ ଇସ୍ରାଏଲ୍ର ଭୁଖଣ୍ଡ ଖଣ୍ଡବିଖଣ୍ଡିତ ହୋଇଥିଲା । ୧୦୯୬ରୁ ୧୨୯୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏଠାରେ ଭୀଷଣ ରକ୍ତପାତ ସୃଷ୍ଟି ହୋଇଥିଲା । ଅଲିୟା, ସେମିତି, ଜିଅନ୍, ଲେଭାନ୍ତମାନେ ମଧ୍ୟ ଏଠାରେ ନିଜର ଅଧିକାର ସାବ୍ୟସ୍ତ କରିଥିଲେ । ୧୯୧୭ରେ ମାମୁଲୁକ୍ ସୁଲତାନ ଓ ପରେ ଓଟମାନ ଶାସକମାନଙ୍କୁ ପରାସ୍ତ କରି ଏବେର ଇସ୍ରାଏଲ୍ ଭୂଖଣ୍ଡକୁ ବ୍ରିଟିସ୍ ସରକାର ଦଖଲ କରିଥିଲେ । ଶତାବ୍ଦୀ ଶତାବ୍ଦୀ ଧରି ଏହି ଭୂଖଣ୍ଡରେ ରକ୍ତପାତ ଯୋଗୁ ୟେହୁଦି ମାନେ ବିଶ୍ୱରେ ବିଭିନ୍ନ ସ୍ଥାନରେ ଆଶ୍ରୟ ନେବା ପାଇଁ ପଳାୟନ କରିଥିଲେ । ଏବେ ଇସ୍ରାଏଲ୍ରେ ମାତ୍ର ୪୩ ପ୍ରତିଶତ ୟେହୁଦି ବସବାସ କରନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇସ୍ରାଏଲ୍ ଏହାର ଅସ୍ତିତ୍ୱ ପାଇଥିଲା । ତେବେ ଇହୁଦୀମାନଙ୍କର ପୂଣ୍ୟ ଭୂମି ଜେରୁଜେଲମକୁ ନେଇ ୧୯୬୭ରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ଯେଉଁଥିରେ ଏହି ସହରକୁ ଇସଲାମୀୟ ରାଷ୍ଟ୍ରଙ୍କ କବଳରୁ ମୁକୁଳାଇବାରେ ସମର୍ଥ ହୋଇଥିଲା । ସେବେଠାରୁ କିନ୍ତୁ ଜେରୁଜେଲମ୍କୁ ବିଶ୍ୱର କୌଣସି ସଭ୍ୟ ରାଷ୍ଟ୍ର ଇସ୍ରାଏଲ୍ର ଅଂଶ ବୋଲି ସ୍ୱୀକାର କରନ୍ତି ନାହିଁ । ତେବେ ୧୯୭୦ରେ ଆମେରିକା ନିଜକୁ ଇସ୍ରାଏଲ୍ର ସବୁଠାରୁ ବଡ ସହଯୋଗୀ ରାଷ୍ଟ୍ର ଭାବେ ଘୋଷଣା କଲା । ଏହାପରେ ୧୯୭୯ରେ ଇଜିପ୍ଟ-ଇସ୍ରାଏଲ୍ ମଧ୍ୟରେ କ୍ୟାମ୍ପ ଡାଭିଟ୍ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା । ହେଲେ ପାଲେଷ୍ଟାଇନ୍ରେ ଥିବା ମୌଳବାଦୀମାନେ ଜେରୁଜେଲମକୁ ହାତଛଡା କରିବାକୁ ଚାହୁଁନଥିଲେ । ତେଣୁ ପରବର୍ତ୍ତୀ ସମୟରେ ଇସ୍ରାଏଲ୍ ସହ ସେମାନଙ୍କର ରକ୍ତାକ୍ତ ସଂଘଷ ଜାରି ରହିଥିଲା । ୧୯୯୩ରେ ପାଲେଷ୍ଟାଇନ୍ ଲିବରେସନ୍ ଅର୍ଗାନାଇଜେସନ ସହ ଇସ୍ରାଏଲ୍ର ଅସ୍ଲୋ ଚୁକ୍ତିନାମା ହୋଇଥିଲା । ପରେ ୧୯୯୪ରେ ଇସ୍ରାଏଲ୍ ଓ ଜୋର୍ଡାନ ମଧ୍ୟରେ ଶାନ୍ତି ଚୁକ୍ତିନାମା ହୋଇଥିବା ସତ୍ତ୍ୱେ ଜେରୁଜେଲମକୁ ନେଇ ବିବାଦ ଥମି ନଥିଲା । ଏହି ପରିପ୍ରେକ୍ଷୀରେ ଏବେ ପୁଣି ଜେରୁଜେଲମକୁ ନେଇ ବିବାଦ ଆରମ୍ଭ ହୋଇଛି । ସମଗ୍ର ବିଶ୍ୱ ଏବେ ଆମେରିକାର ନିଷ୍ପତ୍ତିକୁ ନେଇ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରିଛି ।

## ପହିଲାରୁ ସ୍ୱିସ ବ୍ୟାଙ୍କରେ ଥିବା କଳାଧନର ତଥ୍ୟ ମିଳିବ

ନୂଆଦିଲ୍ଲୀ ,୧୨/୧୨(ଏଜେନ୍ସି) : ସାରା ବିଶ୍ୱରେ ସୁଇସ୍ ବ୍ୟାଙ୍କ ନାମରେ ପରିଚିତ ସୁଇଜରଲ୍ୟାଣ୍ଡର ବ୍ୟାଙ୍କରେ ଅର୍ଥ ଗଚ୍ଛିତ ରଖିଲେ ଗୋପନୀୟତା ରକ୍ଷା କରାଯାଇପାରିବ ବୋଲି ଏକ ଧାରଣା ବହୁ ପୁରାତନ କାଳରୁ ରହି ଆସିଛି । ଏହି ଧାରଣାର ବଶବର୍ତ୍ତୀ ହୋଇ ବିଶ୍ୱର ବହୁ ରାଷ୍ଟ୍ରର ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ସୁଇସ୍ ବ୍ୟାଙ୍କ୍ରେ ନିଜନିଜର ବିପୁଳ ଧନରାଶିକୁ ଜମା କରିବା ଲାଗି ଧାଡ଼ି ଲଗାଇଥାନ୍ତି । ସାଧାରଣତଃ ବେଆଇନ୍ ଭାବରେ, ଅସତ୍ ଉପାୟରେ ଅର୍ଜିତ ଅର୍ଥର ଉତ୍ସକୁ ଗୁପ୍ତ ରଖିବା ଏବଂ ନିଜ ଦେଶରେ ଅର୍ଥରାଶି ଉପରେ ଟିକସକୁ ଫାଙ୍କିବା ଉଦ୍ଦେଶ୍ୟରେ ସୁଇସ୍ ବ୍ୟାଙ୍କ ଏକ ନିରାପଦ ସ୍ଥାନ ରୂପେ ବିବେଚନା କରାଯାଏ । ଏହି ବ୍ୟାଙ୍କରେ ଗଚ୍ଛିତ ଅର୍ଥକୁ ଶିଳ୍ପପତି, ରାଜନୀତିଜ୍ଞ ଏବଂ ଧନୀ ପ୍ରଭାବଶାଳୀ ଲୋକଙ୍କ କଳାଧନ କହିଲେ କିଛି ଭୁଲ ହେବନାହିଁ । ବିଶ୍ୱର ଅନ୍ୟ ଦେଶଭଳି ଭାରତର ବହୁ ଜଣାଶୁଣା ବ୍ୟକ୍ତି, ବିଶେଷ କରି ରାଜନୀତିଜ୍ଞ, ଶିଳ୍ପପତି ଓ ବ୍ୟବସାୟୀ ସୁଇସ୍ ବ୍ୟାଙ୍କ୍ରେ ଖୁବ୍ ଗୋପନୀୟଭାବରେ ବିପୁଳ ଅର୍ଥ ଲୁଚାଇ ରଖିଥିବାର ଅଭିଯୋଗ ବରାବର ସାମନାକୁ ଆସିଥାଏ । ତେବେ ଜମା କାର୍ଯ୍ୟ ଅତ୍ୟନ୍ତ ଗୋପନୀୟତାର ସହ କରାଯାଉଥିବାରୁ କିଏ କେତେ ପରିମାଣର ଅର୍ଥ ରଖିଛନ୍ତି, ତାହାର ସୁରାକ୍ ପାଇବା ସମ୍ଭବ ହୁଏନାହିଁ । ମାତ୍ର ସମୟ ବଦଳିବାସହ ସୁଇସ୍ ବ୍ୟାଙ୍କ୍ରେ ଗଚ୍ଛିତ ଅର୍ଥ ସମ୍ପର୍କରେ ସବିଶେଷ ବିବରଣୀ ଆଉ ଗୋପନୀୟ ରହିବ ନାହିଁ । ଆସନ୍ତା ପହିଲାରୁ ସୁଇଜରଲ୍ୟାଣ୍ଡ ସରକାର ଭାରତୀୟଙ୍କ କଳାଧନ ସମ୍ପର୍କରେ ସବୁ ତଥ୍ୟ ଭାରତ ସରକାରଙ୍କୁ ପ୍ରଦାନ କରିବେ । ତେବେ ୨୦୧୮ ସେପ୍ଟେମ୍ବରରୁ ଏହି ତଥ୍ୟ ଛାଏଁ ଅଟୋମେଟିକାଲି ଭାରତ ନିକଟକୁ ଆସିଯିବ । ଭାରତ ସରକାର କରିଥିବା ଚୁକ୍ତିନାମା ଦ୍ୱାରା ଏହା ସମ୍ଭବ ହୋଇଥିବା କୁହାଯାଇଛି । ପ୍ରକାଶ ଥାଉକି ସୁଇଜରଲ୍ୟାଣ୍ଡ ସରକାରଙ୍କ ବ୍ୟାପକ ଧରପଗଡ଼କୁ ଦୃଷ୍ଟିରେ ରଖି ଅନେକ ଭାରତୀୟ ଇତିମଧ୍ୟରେ ସୁଇସ୍ବ୍ୟାଙ୍କ୍ରୁ ସେମାନଙ୍କ ଅର୍ଥରାଶି ପ୍ରତ୍ୟାହାର କରିନେଉଛନ୍ତି । ଏହି ବ୍ୟାଙ୍କଗୁଡ଼ିକରେ ଗଚ୍ଛିତ ଥିବା ଭାରତୀୟଙ୍କର ଧନରାଶିର ପରିମାଣ କ୍ରମଶଃ ହ୍ରାସ ପାଉଛି ।

## ଆଦର୍ଶ ମାମଲାରେ ଅଶୋକ ଚହ୍ୱାଣଙ୍କ ବିରୋଧରେ ମାମଲା ଚାଲିବ ନାହିଁ

ମୁମ୍ବଇ ,୨୨/୧୨(ଏଜେନ୍ସି) : ଆଦର୍ଶ ହାଉସିଂ ମାମଲାରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚହ୍ୱାଣଙ୍କ ବିରୋଧରେ ମାମଲା ଚାଲିବ ନାହିଁ । ବମ୍ବେ ହାଇକୋର୍ଟ ଏପରି ରାୟ ଦେଇଛନ୍ତି । ପୂର୍ବରୁ ମହାରାଷ୍ଟ୍ର ରାଜ୍ୟପାଳ ଏଥି ନେଇ ସାଙ୍କସନ ଜାରି କରିଥିଲେ । ଏହାକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି । ହାଇକୋର୍ଟଙ୍କ ରାୟ ପରେ ଶ୍ରୀ ଚହ୍ୱାଣ କହିଛନ୍ତି ଯେ ସତ୍ୟର ବିଜୟ ହୋଇଛି । ବହୁକୋଟି ଟଙ୍କାର ଆଦର୍ଶ ହାଉସିଂ ଦୁର୍ନୀତି ମାମଲାରେ ସିବିଆଇ ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଅଶୋକ ଚହ୍ୱାନଙ୍କ ସମେତ ମୋଟ ୧୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା । ଆଦର୍ଶ ଦୁର୍ନୀତି ଲୋକଲୋଚନକୁ ଆସିବା ପରେ ମହାରାଷ୍ଟ୍ର ସମେତ ଦେଶରେ ଏକ ରାଜନୈତିକ ଝଡ ସୃଷ୍ଟି ହୋଇଥିଲା । ଫଳରେ ଚହ୍ୱାନଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ସେତେବେଳେ ଇସ୍ତଫା ଦେବାକୁ ପଡିଥିଲା । ସିବିଆଇ ଏହି ମାମଲାରେ କରୁଥିବା ତଦନ୍ତ ଉପରେ ହାଇକୋର୍ଟ ନଜର ରଖିବାକୁ ଏକାଧିକ ଜନସ୍ୱାର୍ଥ ମାମଲା ବମ୍ବେ ହାଇକୋର୍ଟରେ ଦାଖଲ ହୋଇଥିଲା । ସିବିଆଇ ଆଦର୍ଶ ଦୁର୍ନୀତି ମାମଲାରେ ଶ୍ରୀ ଚହ୍ୱାନ, କେତେକ ବରିଷ୍ଠ ଅମଲା ଓ ଅବସରପ୍ରାପ୍ତ ସେନାଧିକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ ସେମାନଙ୍କ ବିରୋଧରେ ମାମଲା ଦାୟର କରିଥିଲା । ତଦନ୍ତରେ ମନ୍ଥରତା ନେଇ ସିବିଆଇକୁ ବମ୍ବେ ହାଇକୋର୍ଟ ଭର୍ତ୍ସନା କରିଥିଲେ ।

## କରୁଣାନିଧିଙ୍କୁ ଭେଟି ଆର୍ଶୀବାଦ ନେଲେ ରାଜା



ଚେନ୍ନଇ, ୨୧।୧୨(ଏଜେନ୍ସି): ଗତ କାଲି ଟୁଜି ସ୍କେକ୍ଟ୍ରମ ମାମଲାରେ ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ସିବିଆଇର ଦୁର୍ବଳ ଯୁକ୍ତି ଓ ତଥ୍ୟ ପ୍ରମାଣ ଅଭାବରୁ ଏହି ମାମଲାରେ ଅଭିଯୁକ୍ତ ଥିବା ୧୯ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଏହି ରାୟର ଏକ ନକଲ ଧରି ମାମଲାର ମୁଖ୍ୟ ଅଭିଯୁକ୍ତ ଏ ରାଜା ଆଜି ପହଞ୍ଚିଥିଲେ ଡିଏମକେ ନେତା କରୁଣାନିଧିଙ୍କ ବାସ ଭବନରେ । ସେଠାରେ ସେ ତାଙ୍କ ପାଦ ତଳେ ଅଦାଲତଙ୍କ ରାୟକୁ ରଖି ଦେବା ସହ ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି । ଏଥି ସହିତ କହିଛନ୍ତି ଯେ, ସେ ଟେଲିକମ ସେକ୍ଟରରେ କ୍ରାନ୍ତି ଆଣିବାକୁ ଚାହିଁଥିଲେ । ମୋବାଇଲ କଲ ଦର କମାଇବାକୁ ବ୍ୟବସ୍ଥା କରିଥିଲେ ହେଲେ ତାଙ୍କୁ ଖଳନାୟକ ଭାବେ ଚିତ୍ରଣ କରାଗଲା । ପ୍ରକାଶ ଥାଉକି ଏହି ମାମଲାରେ ସିବିଆଇ ଓ ଇଡି ସିବିଆଇ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟରେ ଅପିଲ କରିବେ ବୋଲି କହିଛନ୍ତି । ୨୦୦୮ ଜାନୁୟାରୀରୁ ଦିଆଯାଇଥିବା ଟୁଜି ସ୍କେକ୍ଟ୍ରମ ଲାଇସେନ୍ସ ସବୁକୁ ପୂର୍ବରୁ ସୁପ୍ରମକୋର୍ଟ ବାତିଲ କରିଦେଇଥିଲେ ।

# ଝାଡଖଣ୍ଡରେ ୨୦୦ ମାଓବାଦୀଙ୍କ ଲଙ୍କାକାଣ୍ଡ

## ୧୬ଟି ଗାଡି ପୋଡିବା ସହ ଠିକା କର୍ମଚାରୀଙ୍କୁ ନିସ୍ତୁକ ମାଡ ମାରିଲେ

ରାଞ୍ଚି, ୨୨/୧୨(ଏଜେନ୍ସି) ଝାଡଖଣ୍ଡର ଗିରିଡିହି ଅଞ୍ଚଳରେ ମାଓବାଦୀମାନେ ରାସ୍ତା ନିର୍ମାଣ କାର୍ଯ୍ୟରେ ମୁତୟନ ଥିବା ୧୬ଟି ଗାଡି ପୋଡି ଦେଇଥିବା ବେଳେ ଠିକା କମ୍ପାନିର କର୍ମଚାରୀମାନଙ୍କୁ ନିସ୍ତୁକ ମାଡ ମାରିଥିବା ଜଣାପଡିଛି । ଗିରିଡିହି ଏସପି ସୁରେନ୍ଦ୍ର କୁମାର ଝା କହିଛନ୍ତି ଯେ, ମାଓବାଦୀମାନେ ୪୮ ଘଣ୍ଟିଆ ବନ୍ଦ ଡାକରା ଦେଇଥିବା ବେଳେ ଏକ ଘରୋଇ ଟେଲିକମ କମ୍ପାନିର ଟାୱାରକୁ ମଧ୍ୟ ପୋଡି ଦେଇଛନ୍ତି । ଘଟଣାସ୍ଥଳରୁ ମାତ୍ର ଗୋଟିଏ କି.ମି. ଦୂରରେ ମାଓ ଦମନ ସୁରକ୍ଷା ନିମନ୍ତେ ଇଣ୍ଡିଆନ ରିଜର୍ଭ ବାଟାଲିୟନର ଗୋଟିଏ କମ୍ପାନୀ ଫୋର୍ସ ମୁତୟନ ହୋଇଥିବା ସତ୍ତ୍ୱେ ପୁଲିସକୁ କଡ଼ା ଚ୍ୟାଲେଞ୍ଜକରି ମାଓବାଦୀମାନେ ଏହି କାଣ୍ଡ ଘଟାଇଛନ୍ତି । ଏହି



ଘଟଣା ପରେ ମାଓ ଦମନ ଲାଗି ଆରମ୍ଭ ହୋଇଛି ମାଓ ବିରୋଧୀ ମହାଅଭିଯାନ ଅପରେସନ ରେଡ୍ହଣ୍ଟ । ମାଓବାଦୀମାନେ ପୋଡାଜଳା କରିବା ପରେ ନିରୀହ ଆଦିବାସୀଙ୍କୁ ଏନକାଉଣ୍ଟରର ପ୍ରତିବାଦ, ଅନ୍ୟଜଣ କ୍ୟାଡର ମାଓବାଦୀଙ୍କୁ ଘଟଣାସ୍ଥଳରୁ ନେଇଯାଇ ବର୍ତ୍ତମାନ ସୁଦ୍ଧା କୋର୍ଟରେ ହାଜର କରିନଥିବା ଏବଂ ଅପରେସନ ଗ୍ରୀନହଣ୍ଟକୁ ବନ୍ଦ କରିବା ସହ କମ୍ବିଂ ଅପରେଶନ ଓ ମାଓ ଦମନ ନା'ରେ ଆଦିବାସୀଙ୍କୁ ନିର୍ଯାତନା ତଥା ଗିରଫଦାରୀଙ୍କୁ ସିପିଆଇ ମାଓ ସଂଗଠନ ସଂପୂର୍ଣ୍ଣ ବିରୋଧ କରୁଥିବା ଦର୍ଶାଇ କିଛି ପୋଷ୍ଟର ଲଗାଇଥିବା ଜଣାପଡିଛି ।

## ବାବା ବୀରେନ୍ଦ୍ର ଦେବ ଦୀକ୍ଷିତଙ୍କ ରୋହିଣୀ ଆଶ୍ରମ ଉପରେ ଚଢ଼ଉ

# ୪୧ଜଣ ଯୁବତୀ ଉଦ୍ଧାର

ନୂଆଦିଲ୍ଲୀ ,୨୨/୧୨(ଏଜେନ୍ସି) : ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ- ଏସବୁ ହେଉଛନ୍ତି ଆଜିର ଭାରତର ଆକାଙ୍କ୍ଷିତ ବାସସ୍ଥଳୀ ଓ କର୍ମସ୍ଥଳୀ । ଏସବୁର ସଂସ୍କୃତି ହେଉଛି ଭିନ୍ନ, କିନ୍ତୁ ଯେଉଁ କଥାଟି ଏହି ସହର ସବୁକୁ ଗୋଟିଏ ଡୋରିରେ ବାନ୍ଧି ଦେଇଛି, ତାହା ହେଉଛି ଅପସଂସ୍କୃତି । ଯୌନଶୋଷଣ ଓ ବଳାତ୍କାର ଭଳି ସମ୍ବେଦନଶୀଳ, ସ୍ପର୍ଶକାତର ତଥା ଲଜ୍ଜାଜନକ ଦୁଷ୍କର୍ମକୁ କିଭଳି ଆଗକୁ ରୋକାଯାଇପାରିବ ସେଥିଲାଗି ପ୍ରୟାସ କରାଯାଉଥିବା ବେଳେ ଧର୍ମର ମୁଖା ପିନ୍ଧି କିଛି ଲୋକ ସେମାନଙ୍କ ଯୌନ ଲାଳଶା ଚରିତାର୍ଥ କରିବାରେ ଲାଗିଛନ୍ତି । ଦିଲ୍ଲୀର ବାବା ବୀରେନ୍ଦ୍ର ଦେବ ଦୀକ୍ଷିତଙ୍କ ରୋହିଣୀ ଅଞ୍ଚଳରେ ଥିବା ଈଶ୍ୱରୀୟ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ ଉପରେ ମହିଳା କମିଶନଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ୪୧ଜଣ ଯୁବତୀଙ୍କୁ ଉଦ୍ଧାର କରିଛି । ଏଥି ସହିତ ବହୁ ପରିମାଣରେ ଇଂଜେକସନ , କଣ୍ଡୋମ , ଗର୍ଭ ନିରୋଧକ ବଟିକା ,ବାବାଙ୍କ ବ୍ଲୁ ସିଡି ଇତ୍ୟାଦି ଜବତ କରାଯାଇଛି । ଏହା ପରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବାବା ବୀରେନ୍ଦ୍ର ଦେବ ଦୀକ୍ଷିତଙ୍କୁ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସେ ବ୍ୟକ୍ତିଗତ ଭାବେ ହାଜର ନହୁଅନ୍ତି ତେବେ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବ ବୋଲି ଅଦାଲତ କହିଛନ୍ତି । ଦିଲ୍ଲୀ ହାଇକୋର୍ଟ ବଳାତ୍କାର ଅଭିଯୁକ୍ତ ତଥା ଆତ୍ମଘୋଷିତ ବାବା ବିରେନ୍ଦ୍ର ଦେବ ଦୀକ୍ଷିତଙ୍କ ନାମରେ ହୋଇଥିବା ସମସ୍ତ ଅଭିଯୋଗର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଛନ୍ତି । ସିବିଆଇ ଏଥିପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରୁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ବାବା ଏବେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ତେଣୁ ତାଙ୍କୁ ଖୋଜି ବାହାର କରିବା ସହ ତାଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ବାବାଙ୍କ ଦ୍ୱାରା ପରିଚାଳିତ ସମସ୍ତ ଆଶ୍ରମ ଗୁଡ଼ିକର ତଥ୍ୟ ଅଦାଲତରେ ଦାଖଲ କରିବାକୁ କୁହାଯାଇଛି । ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଓ ବିଚାରପତି ହରିଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ ବାବା ବୀରେନ୍ଦ୍ର ଦୀକ୍ଷିତଙ୍କୁ ଆସନ୍ତା ମାସ ୪ ତାରିଖ ମଧ୍ୟରେ କୋର୍ଟରେ ହାଜର



କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀର ରୋହିଣୀ ଅଞ୍ଚଳରେ ବିଜୟବିହାରଠାରେ ଦୀର୍ଘ ୨୫ ବର୍ଷ ହେଲା ପ୍ରତିଷ୍ଠା କରାଯାଇଥିବା ଉକ୍ତ ଆଶ୍ରମରେ ଦେହ ବ୍ୟବସାୟ ଭଳି ଅନୈତିକ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଥିଲା । ଆଶ୍ରମରୁ ଜଣେ ୨୩ ବର୍ଷୀୟା ଯୁବତୀ ନିଖୋଜ ହେବା ଘଟଣାକୁ ନେଇ ଏକ ଏନ୍ଜିଓ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା । ଏହି ସମୟରେ ଅନେକ ରୋମାଞ୍ଚକର ତଥ୍ୟ ପଦାକୁ ଆସିଥିଲା । ଏହି ଆବେଦନକୁ ବିଚାରକୁ ନେଇ ହାଇକୋର୍ଟ ଉକ୍ତ ଆଶ୍ରମକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦିଲ୍ଲୀ ପୁଲିସ ମହିଳା କମିଶନ ଓ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ୪ ଜଣ ଓକିଲ ଗତ ମଙ୍ଗଳବାର ସନ୍ଧ୍ୟାରେ ଆଶ୍ରମକୁ ଯାଇ ଛାନ୍ବିନ୍ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେମାନଙ୍କୁ ପଶିବାକୁ ଦିଆଯାଇନଥିଲା । ତେବେ କିଛି ମହିଳା ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ତଦନ୍ତକାରୀ ଦଳ ଜାଣିବାକୁ ପାଇଥିଲେ । ଶେଷରେ ତଦନ୍ତକାରୀ ଦଳ ରାତିଅଧିଆ ଆଶ୍ରମର ତାଲା ଭାଙ୍ଗି ତନ୍ନ ତନ୍ନ କରି ଛାନବିନ୍ କରିବା ସହ ବାବାଙ୍କ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ ଆଶ୍ରମରୁ ୪୧ ଜଣ ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି । ଜଣେ ୨୩ ବର୍ଷୀୟା ଯୁବତୀ କହିଛନ୍ତି ତାଙ୍କୁ ନିଶା ଦିଆଯାଇ ବାରମ୍ବାର ବଳାତ୍କାର କରାଯାଏ । ସେହିପରି ୧୩ ବର୍ଷୀୟା ନାବାଳିକା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି । ୩ ଦିନ ଧରି ଚାଲିଥିବା ଏହି ଅପରେସନ୍ ପରେ ଦେଶର ବିଭିନ୍ନ ସ୍ଥାନରୁ ଝିଅମାନଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେବା ଆଳରେ ବାବାଙ୍କ ଆଶ୍ରମରେ ଆଣି ରଖାଯାଏ ବୋଲି ଜଣାପଡ଼ିଛି । ପରେ ସେହି ଝିଅମାନଙ୍କ ସମ୍ପର୍କୀୟଙ୍କୁ ସାକ୍ଷାତ କରିବା ପାଇଁ ମଧ୍ୟ ଦିଆଯାଏନାହିଁ । ପରେ କୌଶଳକ୍ରମେ ଝିଅମାନଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଇଦିଆଯାଉଥିବା ଅଭିଯୋଗ ହେଉଛି । ଏଥିନେଇ ବାବାଙ୍କ ନାମରେ ୨୨ଟିରୁ ଅଧିକ ମାମଲା ରୁଜୁ ହୋଇଛି ।

# ହିନ୍ଦୁ ଯୁବତୀଙ୍କୁ ଉଠାଇ ନେଇ ଧର୍ମାନ୍ତରଣ

ନୂଆଦିଲ୍ଲୀ/ଇସଲାମାବାଦ ,୨୨/୧୨(ଏଜେନ୍ସି) : ସିନ୍ଧ ପ୍ରଦେଶର ଥର ଅଞ୍ଚଳରେ ଜଣେ ହିନ୍ଦୁ ଯୁବତୀଙ୍କୁ ଉଠାଇ ନେଇ ତାଙ୍କୁ ବଳପୂର୍ବକ ଇସଲାମ ଧର୍ମକୁ ଧର୍ମାନ୍ତରିତ କରି ଜଣେ ମୁସଲିମ ଯୁବକ ବିବାହ କରିଛନ୍ତି । ଏଥି ନେଇ ଉକ୍ତ ଯୁବତୀଙ୍କ ପିତା ଥର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଯୁବତୀଙ୍କ ପିତାଙ୍କ ନାମ ହୀରୋ ମେଘୱାର । ସେ କରିଥିବା ଅଭିଯୋଗ ମୁତାବକ ପୁଲିସ ମଧ୍ୟ ମାମଲାରେ ଆଗ୍ରହ ନେଉ ନାହିଁ । ବରଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାରେ ଲାଗିଛି । ଏଥି ନେଇ ପାଲଟା ଉକ୍ତ ଯୁବକ ସିନ୍ଧ କୋର୍ଟରେ ଏକ ପିଟିସନ ଦାଖଲ କରି ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଛନ୍ତି । ପ୍ରକାଶ ଥାଉକି ପାକିସ୍ଥାନରେ ମୁସଲମାନବହୁଳ ସମାଜ, ସରକାର ଓ ଏପରିକି ନ୍ୟାୟାଳୟ ମଧ୍ୟ ଧର୍ମଭିତ୍ତିରେ ଅଣମୁସଲମାନଙ୍କ ପ୍ରତି ଅନ୍ୟାୟ ଅବିଚାର କରୁଥିବାରୁ ସ୍ୱାଧୀନତା ପରଠାରୁ ଏଯାବତ୍ କେବଳ ବଳପୂର୍ବକ ଧର୍ମାନ୍ତରଣର ଶିକାର ହେବାକୁ ପଡିଛି । ଅତ୍ୟାଚାର ସହିନପାରି କୋଟି କୋଟି ସଂଖ୍ୟାରେ ହିନ୍ଦୁ ମୁସଲମାନ ହୋଇଯାଇଥିଲେ ମଧ୍ୟ ତମାମ ଅତ୍ୟାଚାର ସତ୍ତ୍ୱେ ନିଜର ପାରମ୍ପରିକ ଧର୍ମବିଶ୍ୱାସ ଓ ସ୍ୱାଭିମାନକୁ ବଳିଦେବାକୁ ରାଜି ନଥିବା ଲୋକମାନେ ଏଭଳି ଦୁର୍ଦ୍ଦଶା ଭୋଗ କରୁଛନ୍ତି । ନିକଟରେ ପାକିସ୍ତାନରେ ଶିଖ୍ମାନଙ୍କୁ ବାଧ କରି ଧର୍ମାନ୍ତରଣ କରାଯାଉଥିବାରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ ବୈଦେଶୀକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ପତ୍ର ଲେଖିଥିଲେ । ଏଥିରେ ସେ ଦର୍ଶାଇଥିଲେ ଯେ, ଖାଇବର ପଖତୁନଖ୍ୱା ରାଜ୍ୟର ହାଙ୍ଗୁ ଜିଲ୍ଲାରେ ଶତାଧିକ ଶିଖ୍ ସମ୍ପ୍ରଦାୟର ଲୋକମାନଙ୍କୁ ବଳପୂର୍ବକ ଇସଲାମ ଗ୍ରହଣ କରିବା ପାଇଁ ସେଠାକାର ସରକାରୀ ଅଧିକାରୀ




ଓ ପ୍ରଶାସନ ବାଧ କରିଛନ୍ତି । ଏହି ପ୍ରସଙ୍ଗରେ ବୈଦେଶିକମନ୍ତ୍ରୀ ସୁଷମା ସ୍ୱରାଜ ଆଶ୍ୱାସନା ଦେଇ କହିଥିଲେ ଯେ, ଭାରତ ସରକାର ଏହି ପ୍ରସଙ୍ଗରେ ପାକ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ ।

# ପୋଲାଭରମ୍କୁ ନେଇ କେନ୍ଦ୍ରର ତତ୍ପରତା

ନୂଆଦିଲ୍ଲୀ, ୨୨/୧୨(ଏଜେନ୍ସି) ବିବାଦୀୟ ପୋଲାଭରମ୍ ପ୍ରକଳ୍ପକୁ ୨୦୧୯ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିନେଇ ଗୁରୁବାର ଲୋକସଭାରେ କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଏହି ସୂଚନା ଦେଇଛନ୍ତି । ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ୭୧ ପ୍ରତିଶତ ଭୂତଳ କାର୍ଯ୍ୟ ସମ୍ପନ୍ନ ହୋଇଛି । ୧୦ ପ୍ରତିଶତ ଆଡିବନ୍ଧ କାର୍ଯ୍ୟ ମଧ୍ୟ ସରିଛି । ସେହିପରି ୧୨ ପ୍ରତିଶତ ବନ୍ଧ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଥିବାବେଳେ ପ୍ରକଳ୍ପ ପାଇଁ ଆବଶ୍ୟକ ୩୫ ପ୍ରତିଶତ ଗେଟ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପ୍ରକଳ୍ପର ଡାହାଣ ପାର୍ଶ୍ୱରେ ଥିବା ମୁଖ୍ୟ କେନାଲ୍ରେ ୯୯.୮୫ ପ୍ରତିଶତ ଭୂତଳ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ୭୧ ପ୍ରତିଶତ ଲାଇନିଙ୍ଗ୍ କାର୍ଯ୍ୟ, ୬୯ ପ୍ରତିଶତ କଂକ୍ରିଟ୍ କାର୍ଯ୍ୟ ସମ୍ପନ୍ନ ହୋଇଥିବା କୁହାଯାଇଛି । ସେହିପରି ବାମପଟ ମୁଖ୍ୟ କେନାଲ୍ରେ ୯୦ ପ୍ରତିଶତ ଭୂତଳ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ୫୭ ପ୍ରତିଶତ ଲାଇନିଙ୍ଗ୍ ଓ ୨୩ ପ୍ରତିଶତ କଂକ୍ରିଟ୍ କାର୍ଯ୍ୟ ସମ୍ପନ୍ନ ହୋଇଛି । ଇତିମଧ୍ୟରେ ଏହି ପ୍ରକଳ୍ପକୁ ସିଡବ୍ଲ୍ୟୁସିର ଅନୁମୋଦନ ମଧ୍ୟ ମିଳିସାରିଛି । ଏହି ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ର ସରକାର ନିୟମିତ ସମୀକ୍ଷା କରିବା



ସହିତ ଆବଶ୍ୟକ ପରାମର୍ଶ ମଧ୍ୟ ଦେଉଛନ୍ତି । ଏହାକୁ ନେଇ ପୂର୍ବତନ ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଡ୍ୟାମ୍ ଡିଜାଇନ୍ ଓ ରିଭ୍ୟୁ କମିଟି ଗଠନ କରାଯାଇଛି । ଡିଡିପିଆର୍ ଦ୍ୱାରା ଅଦ୍ୟାବଧି ୮ଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ସମ୍ପର୍କିତ ପୂନର୍ବାସ ଓ ଥଇଥାନ ନିମନ୍ତେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟଗଠନ ହୋଇଛି । ଏହି କମିଟି ନଭେମ୍ବର ମାସରୁ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ସହ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏସବୁକୁ ଅନୁଧ୍ୟାନ କଲେ କେନ୍ଦ୍ର ସରକାର ପୋଲାଭରମ୍କୁ ନେଇ କେତେ ତତ୍ପର ଅଛନ୍ତି ତାହା ଜଣାପଡୁଛି ।

# ଭାରତୀୟ ଅର୍ଥ ବ୍ୟବସ୍ଥାକୁ ନୂଆ ରୂପ ଦେଇଛି ବିମୁଦ୍ରାୟନ ଓ ଜିଏସଟି: ଆଇଏମଏଫ

ନୂଆଦିଲ୍ଲୀ, ୨୨/୧୨(ଏଜେନ୍ସି) ଅର୍ଥ ବ୍ୟବସ୍ଥାକୁ ସଜାଡିବା ଦିଗରେ କେନ୍ଦ୍ର ସରକାର ୮ ନଭେମ୍ବର ୨୦୧୬ରେ ବିମୁଦ୍ରାୟନର ଅଭୁତପୂର୍ବ, ସାହସିକ ଏବଂ କଠୋର ନିଷ୍ପତ୍ତି ନେଲେ, ଯାହାକି ପୂରା ବିଶ୍ୱରେ ପ୍ରଶଂସିତ ହୋଇଥିଲା । ବିମୁଦ୍ରାୟନ ମାଧ୍ୟମରେ ସରକାର ଏହା ସ୍ପଷ୍ଟ କରିଦେଲେ କି ଏହାଦ୍ୱାରା ଅର୍ଥବ୍ୟବସ୍ଥାକୁ କ୍ଷତି କରୁଥିବା ଅବୈଧ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ଓ ଟିକସ ଚୋରଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି କ୍ରମରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜମା କରାଯାଇଥିବା କଳାଧନ ବିଷୟରେ ଜାଣିବା ପାଇଁ ଆୟକର ବିଭାଗ ୩୧ ଜାନୁଆରୀ ୨୦୧୭ରେ 'ଅପରେସନ କ୍ଲିନ ମନି'ର ଶୁଭାରମ୍ଭ କଲେ । ଏହା ମାଧ୍ୟମରେ ୧୭.୭୩ ଲକ୍ଷ ସନ୍ଦିଗ୍ଧ ବ୍ୟାଙ୍କ ଜମା ଖାତାଧାରୀଙ୍କ ଜମାରାଶି ବିଷୟରେ ସ୍ପଷ୍ଟୀକରଣ ମଗାଗଲା । ଆୟକର ବିଭାଗ ଅନୁସାରେ ଏହି ବର୍ଷ କରଦାତାଙ୍କ ସଂଖ୍ୟାରେ ପ୍ରାୟ ୨୬.୬ ପ୍ରତିଶତ ବୃଦ୍ଧି ହୋଇଛି । ଏହି ପରିବର୍ତ୍ତନ ସ୍ୱଚ୍ଛ ଅର୍ଥବ୍ୟବସ୍ଥା ଦିଗରେ ଏକ ମାଇଲ ଖୁଂଟ ସଦୃଶ ବୋଲି କହିଛନ୍ତି ଅନ୍ତରାଷ୍ଟ୍ରୀୟ ମୁଦ୍ରାପାଣ୍ଠି । ମୁଦ୍ରାପାଣ୍ଠି ଭାରତୀୟ ଅର୍ଥନୀତି ସମ୍ପର୍କିତ ରିପୋର୍ଟରେ (Financial System Stability Assessment (FSSA) of India) ଦର୍ଶାଇଛନ୍ତି ଯେ, ବିମୁଦ୍ରାୟନ ନିଷ୍ପତ୍ତି ବାସ୍ତବରେ ଗୋଟିଏ ତୀରରେ ଅନେକ ଲକ୍ଷ୍ୟ ସାଧନ କରିବାର ପ୍ରୟାସ ଥିଲା । ଏହାକୁ ଲାଗୁ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଦେଶର ଅର୍ଥବ୍ୟବସ୍ଥାକୁ ସମାନ୍ତରାଳ କାରବାରରୁ ବାହାରକୁ ଆଣିବା ଏବଂ ଶକ୍ତିଶାଳୀ କଳାଧନ ବ୍ୟବସ୍ଥାକୁ ଧ୍ୱଂସ କରିବା । ଏହା ପ୍ରକୃତରେ ଭ୍ରଷ୍ଟାଚାର, କଳାଧନ, ନକଲି ନୋଟ୍, ଆଉ ଆତଙ୍କବାଦୀଙ୍କୁ ଅର୍ଥଯୋଗାଣର ବାଟ ବନ୍ଦ କରିବାର ଏକ ଅଂଶ ଥିଲା । ବିମୁଦ୍ରାୟନ ଯୋଗୁଁ 'ଡିଜିଟାଲକରଣ ଏବଂ କମ-ନଗଦଯୁକ୍ତ ଅର୍ଥବ୍ୟବସ୍ଥା'ର ମାର୍ଗ ମଧ୍ୟ ପ୍ରଶସ୍ତ ହୋଇଛି । ଅନ୍ଲାଇନ୍ ରେ ଅର୍ଥ ଆଦାନ ପ୍ରଦାନ ଯୋଗୁଁ ଟିକସ ଚୋରୀ ରୋକିବା ଦିଗରେ ସହାୟତା ମିଳିଛି । ଦେଶର ୭୩.୬୩ କୋଟି ବ୍ୟାଙ୍କ ଖାତା ଆଧାର ନମ୍ବର ସହିତ ସଂଯୋଗ କରାଯାଇଛି ଆଉ ଏହି ଆଧାରରେ ପ୍ରତି ମାସରେ ପ୍ରାୟ ୭ କୋଟି ସଫଳତାର ସହ ଦେୟ ପ୍ରଦାନ କରାଯାଇଛି । ସରକାରୀ ଯୋଜନାର ଲାଭ ସିଧା ହିତାଧିକାରୀଙ୍କୁ ମିଳୁଛି, ଯାହା ଦ୍ୱାରା ମଧ୍ୟସ୍ଥ କାରବାରତନ୍ତ୍ର(ଦଲାଲୀ) ନଷ୍ଟ ହୋଇଯାଇଛି । ବିମୁଦ୍ରୀକରଣ ଦ୍ୱାରା ଏବେ ଔପଚାରିକ



ଅର୍ଥବ୍ୟବସ୍ଥାକୁ ଏକ ନୂତନ ଦିଗ ମିଳିଛି । ପୂର୍ବ ଅପେକ୍ଷା ଲୋକେ ଅଧିକ ମାତ୍ରାରେ ନିଜର ସଂଚୟ ଅସୁରକ୍ଷିତ ଭୌତିକ ସମ୍ପତି ବଦଳରେ ମ୍ୟୁଚୁଆଲ ଫଣ୍ଡ ଏବଂ ଜୀବନ ବୀମା ଭଳି ଯୋଜନାରେ ଲଗାଉଛନ୍ତି । ଅନୌପଚାରିକ ଅର୍ଥ ଔପଚାରିକ ପ୍ରଣାଳୀରେ ଆସିବାରୁ ଅର୍ଥବ୍ୟବସ୍ଥାର ନମନୀୟତାରେ ବୃଦ୍ଧି ହୋଇଛି । ଆଇଏମଏଫ ଦର୍ଶାଇଛନ୍ତି ଯେ, ସୁଧ ହାର ହ୍ରାସ ପାଇବା ଯୋଗୁଁ ନିବେଶ ପ୍ରକ୍ରିୟା ବୃଦ୍ଧି ପାଇଛି, ଯାହାଦ୍ୱାରା ଭବିଷ୍ୟତରେ ଅଧିକ ରୋଜଗାରର ସୁଯୋଗ ସୃଷ୍ଟି ହେବ ଆଉ ଲୋକଙ୍କ ଜୀବନ ଶୈଳୀରେ ସୁଧାର ଆସିବ । ସେହିପରି ଜିଏସଟିକୁ ମଧ୍ୟ ଏହି ସଂସ୍ଥା ପ୍ରଶଂସା କରିଛି । ଏହି ନୂତନ ଟିକସ ଢାଂଚାରେ 'କର ଉପରେ କର' ପରି ଚାଲି ଆସିଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆସି ପାରିଛି । କର ବୋଝ ହ୍ରାସ ପାଇବା ସହ ସରଳ ହୋଇଛି । ଏହା ଦ୍ୱାରା ଆଗକୁ ଦ୍ରବ୍ୟ ଓ ବିଭିନ୍ନ ସେବାର ଦର ହ୍ରାସ ପାଇବ । ଯାହା ଖାଉଟୀଙ୍କ ପାଇଁ ସହାୟକ ହେବ । ପୂର୍ବ କର ବ୍ୟବସ୍ଥାରେ ଶେଷ ସ୍ତରରେ ଭେଣ୍ଡର ଉପରେ ପଡୁଥିବା ଉତ୍ପାଦ ଶୁଳ୍କ ସେବାକର, ଭାଟ ଏବଂ ଅନ୍ୟାନ୍ୟ ପରୋକ୍ଷ କର ଦୂର ହୋଇଛି । ଆଇଏମଏଫ ଦର୍ଶାଇଛନ୍ତି ଯେ, ଜିଏସଟି ଦ୍ୱାରା ସାଧାରଣ ଜନତା ବହୁଳ ଭାବେ ଉପକୃତ ହେବେ ଏବଂ ଶିଳ୍ପ ସଂସ୍ଥାଗୁଡିକ ମଧ୍ୟ ଫାଇଦା ପାଇବେ ।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଠିକା ଶ୍ରମିକମାନେ ପୁରସ୍କୃତ



ରାଉରକେଲା,୨୧/୧୨ (ଶ୍ରୁ.ମି): ଠିକା ଶ୍ରମିକମାନଙ୍କ ନିମନ୍ତେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଏକ ପୁରସ୍କାର ବିତରଣ ଉତ୍ସବ କାରଖାନାରେ ହଟ୍ ଷ୍ଟ୍ରିପ ମିଲ୍ ସମ୍ମେଳନ କକ୍ଷରେ ଡିସେମ୍ବର ୧୬ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ହଟ୍ ଷ୍ଟ୍ରିପ ମିଲ୍ ବିଭାଗର ଡିଜିଏମ ଇନଚାର୍ଜ ଶ୍ରୀ ପି ମୁରଲୀ, ମେସର୍ସ୍ ଶ୍ରୁତି ଏଣ୍ଟରପ୍ରାଇସ୍‌ର ୩ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର ପ୍ରଶଂସନୀୟ ଅବଦାନ ନିମନ୍ତେ ପୁରସ୍କୃତ କରିଥିଲେ । ଏଚଏସଏମ ମେକାନିକାଲ ବିଭାଗର ଡିଜିଏମ ଇନଚାର୍ଜ କେକେ ଓଝା, ଅପରେସନ ବିଭାଗର ଡିଜିଏମ ଡିକେ ଯାଦବ, ପର୍ସନେଲ ସିଏଲସିର ଡିଜିଏମ, ଟିଜି କାନେକର ଏବଂ ବିଭାଗୀୟ ଅନ୍ୟ ଅଧିକାରୀଙ୍କ ସମେତ ଠିକା ଏଜେନ୍ସିର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ମେସର୍ସ ଶ୍ରୁତି ଏଣ୍ଟରପ୍ରାଇସର ଏହି ୩ ଜଣ ସଦସ୍ୟ, ସୃଜନଶୀଳ ପ୍ରସ୍ତାବ ଦେଇଥିଲେ। ଯାହା ଫଳରେ ଅଚଳ ହୋଇ ପଡିଥିବା ବିଭିନ୍ନ ମୋଟର ଗୁଡିକର ନବୀକରଣ, ମରାମତି ଏବଂ ସ୍ଥାନାନ୍ତରୀକରଣ କାର୍ଯ୍ୟ ସମ୍ପାଦିତ ହୋଇ ମିଲ୍ ଉପଲବ୍ଧତା ବୃଦ୍ଧ ହେବା ସହ ରୋଲର ଟେବୁଲ ଏରିଆରେ ବ୍ରେକ୍ ଡାଉନ ହ୍ରାସ ପାଇଥିଲା। । ପୂର୍ବରୁ ଶ୍ରୀ କାନେକର, ରାଉରକେଲା ଇସ୍ପାତ କାରଖାନାର ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଚଏସଏମ ଇଲେକ୍ଟ୍ରିକାଲ ବିଭାଗର ଡିଜିଏମ ଇନଚାର୍ଜ ଆରକେ ମୁଦୁଲି ସଂଚାଳନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ୨୩ ତମ ତତ୍କାଳ ସ୍ୱୀକୃତି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି ଏବଂ କାରଖାନାର ବିଭିନ୍ନ ବିଭାଗରୁ ମୋଟ ୧୧୨ ଜଣ ଠିକା ଶ୍ରମିକ ଏଥିରେ ପୁରସ୍କୃତ ହୋଇଛନ୍ତି । କାରଖାନା, ମେସିନ ଓ ଯାନ୍ତ୍ରିକ ଉପକରଣର ସୁରକ୍ଷା ସମେତ ଅସୁରକ୍ଷିତ କାର୍ଯ୍ୟରୁ ନିବୃତ୍ତ ରହିବା ଏବଂ ସମୟ ଓ ବ୍ୟୟ ହ୍ରାସ ଦିଗରେ ସୃଜନଶୀଳ କାର୍ଯ୍ୟ ପ୍ରକ୍ରିୟା ମାଧ୍ୟମରେ ଗୁଣବତ୍ତା ସହ କାରଖାନାର ସାଫଲ୍ୟ ବିକାଶ ଦିଗରେ ଠିକା ଶ୍ରମିକମାନଙ୍କରପ୍ରଶଂସନୀୟ କାର୍ଯ୍ୟର ସ୍ୱୀକୃତିସ୍ୱରୂପ ଏହି ପୁରସ୍କାର ଦିଆଯାଇଥାଏ ।

# ଏନ୍.ଟି.ପି.ସି କଣିହାଁ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ୱାଟର ଫିଲଟର ପ୍ରଦାନ



ତାଲଚେର,୨୨/୧୨(ଶ୍ରୁ.ମି): ଏନ୍.ଟି.ପି.ସି ତାଲଚେର କଣିହାଁ ପକ୍ଷରୁ ଆଖପାଖ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୱାଟର ଫିଲଟର ପ୍ରଦାନ କରାଯାଇଛି। ଏହି ବ୍ଲକର ବଲାଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିବରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଆମ୍ବପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁରୁବାହଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କାଣ୍ଡଶର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କରଡ଼େଇ ପ୍ରାଥମିକ ବିଦ୍ୟାଳୟ,ଭାଣେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଡେରେଙ୍ଗ, ଘଂଟିଆନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରାୟ ୭୩୦ଟି ୱାଟର ଫିଲଟର ବଂଟନ କରାଯାଇଥିଲା। ଏହି ପ୍ରକଳ୍ପର ଡିଜିଏମ୍ (ଏଚ୍.ଆର) ପି.କେ.ସାହୁ,ସିନିୟର ମ୍ୟାନେଜର (ଏଚ୍.ଆର) ଏ.କେ.ଦାସ,ଅପିସର (ଏଚ.ଆର-ସି.ଏସ୍.ଆର) ଏମ୍.ଭି.ରାଓ ପ୍ରମୁଖ ଏକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବ୍ୟାପି ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ଏହି ୱାଟର ଫିଲଟର ବଣ୍ଟନ କରିଥିଲେ। ଛାତ୍ରଛାତ୍ରୀମାନଙ୍କର ଭଲ ସ୍ୱାସ୍ଥ୍ୟ ନିମନ୍ତେ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏପରି ୱାଟର ଫିଲଟର ବଂଟନ କରାଯାଇଛି।

# ବଧୂ ହତ୍ୟା ଅଭିଯୋଗ

ଜୁନାଗଡ,୨୨।୧୨(ଶ୍ରୁ.ମି): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମାଲିଗୁଡା ପଞ୍ଚାୟତ ବର ଗାଁ ରେ ଜଣେ ନବ ବିବାହିତା ଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ବେଳେ ସଂପୃକ୍ତ ବଧୂ ପରିବାର ପକ୍ଷରୁ ଜୁନାଗଡ ଥାନା ରେ ହତ୍ୟାଅଭିଯୋଗ କରି ଲିଖିତ ଭାବରେ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ବର ଗାଁ ର ବିକ୍ରମ ଖମାରୀ ଲାଞ୍ଜିଗଡ ବ୍ଲକର ପୋଇଜାମ ଗ୍ରାମର ମଞ୍ଜୁଲତା କୁ ବିବାହ କରିଥିଲେ। ମଞ୍ଜୁଲତା ପୋଇଜାମ ରେ ଅଙ୍ଗନୱାଡି କର୍ମି ଭାବରେ କାର୍ଯ୍ୟ କରୁଥିବା ବେଳେ ବିକ୍ରମ ବରାବର ପୋଇଜାମ ଯାଇଥିଲେ। ଏହି ମଧ୍ୟରେ ସେ ମନୋରମା ଦୂର୍ଗା କୁ ଭଲ ପାଇଥିଲେ ଏବଂ ଗତ ୩୧ ନଭେମ୍ବରରେ ମନୋରମା କୁ ବର ଗାଁ ନେଇ ଆସି ଥିଲେ। ପ୍ରକାଶ ଥାଉକି ମନୋରମା ବୟସ ୧୬ ବର୍ଷ ଥିବା ବେଳେ ଏନେଇ ମନୋରମାର ବାପା ସୁନାମାଳୀ ଦୂର୍ଗା ଲାଞ୍ଜିଗଡ ଥାନାରେ ଅପହରଣ ମାମଲା ରୁଜୁ କରିଥିଲେ। ତେବେ ପୋଲିସ ଉଭୟ ଙ୍କୁ ବୁଝାସୁଝା କରି ମନୋରମା କୁ ବିକ୍ରମ ପାଖରେ ରହିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ପୂର୍ବ ପତ୍ନୀ ମଞ୍ଜୁଲତା ନିଜ ଦୁଇ ଝିଅ ଓ ଗୋଟିଏ ପୁଅ କୁ ଧରି ନିଜ ବାପ ଘରେ ଥିଲେ। ତେବେ ଗତ ଦୁଇ ଦିନ ତଳେ ସେ ବର ଗାଁ ଆସି ଥିବା ବେଳେ ଗୁରବାର ଅପରାହ୍ନରେ ମନୋରମା ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ। ଶୁକ୍ରବାର ଦିନ ପରିବାର ଲୋକେ ଆସି ମନୋରମାର ଦୁଇ କାନ ରେ ରକ୍ତ ଶୁଖି ପଡିଥିବା ଦେଖିବା ସହିତ ବେକ ତଳେ ସାମାନ୍ୟ କଳା ଦାଗ ହୋଇଥିବା ଦେଖିଥିଲେ। ଏହାପରେ ସ୍ୱାମୀ ଓ ସଉତୁଣି ମିଶି ଏହା ହତ୍ୟା କରିଥିବା ଅଭିଯୋଗ କରିବା ସହିତ ଜୁନାଗଡ ଥାନାରେ ବାପା ସୁନାମାଲି ଦୂର୍ଗା ଅଭିଯୋ କରିଥିଲେ। ଏହା ପରେ ଜୁନାଗଡ ରେ ଶବ ବ୍ୟବଚ୍ଛେଦ ସହ ସ୍ୱାମୀ କୁ ପୋଲିସ ଅଟକ ରଖି ପଚରା ଉଚୁରା ଜାରି ରଖିଥିବା ସବ ଇନିସପେକ୍ଟର ଓମ ନାରାୟଣ ପାତ୍ର କହିଛନ୍ତି।

# ଚୂନଭାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



ଯାଜପୁର, ୨୨/୧୨(ଶ୍ରୁ.ମି): ବ୍ୟାସନଗର ସ୍ଥିତ ଚୂନଭାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୋଷାକ ବିତରଣ ଉତ୍ସବ ଗୁରୁବାର ପ୍ରଧାନ ଶିକ୍ଷକ ରଣଜିତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ଉଦୟବଟ'ର ସଂପାଦକ ତଥା ବିଶିଷ୍ଟ ସମାଜସେବୀ ଦୁଷ୍ମନ୍ତ କୁମାର ରାଉତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ୨ ହଳ ଲେଖାଏ ସ୍କୁଲ ପୋଷାକ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସମାପିକା ପଣ୍ଡା, ଲକ୍ଷ୍ମୀପ୍ରିୟା ମହାନ୍ତି, ଅଙ୍ଗୁରବାଳା ରଥ, ସୁନିତା ସୋରେନ, ଫୁଲମଣି ହେମ୍ବ୍ରମ, ଅଭିଭାବକ ସଂଘର ସଭାପତି ଜଗନ୍ନାଥ ସୋରେନ, ଚକ୍ରଧର ପୂର୍ତ୍ତି, ବିଭାଷ କର୍ମକାର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ହରିପ୍ରିୟା ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନାଗଡ ଫୁଟବଲ କପ-୨୦୧୭ ଉଦ୍‌ଘାଟିତ

ଜୁନାଗଡ,୨୨।୧୨(ଶ୍ରୁ.ମି): ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ ଫୁଟବଲ କ୍ଲବ ଆନୁକୂଲ୍ୟରେ ଜୁନାଗଡ ଫୁଟବଲ କପ-୨୦୧୭ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଧର୍ମଗଡ ରାଇଜିଂ କ୍ଲବ ଓ କେସିଙ୍ଗା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ପ୍ରଥମାର୍ଦ୍ଧ ରେ ୩ ଗୋଲ ସ୍କୋର କରିଥିବା ବେଳେ ଧର୍ମଗଡ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କେସିଙ୍ଗା ପୁଣି ଏକ ଗୋଲ ସ୍କୋର କରି ୪-୧ ରେ ବିଜୟୀ ହୋଇଥିଲା। ଉଦଘାଟନୀ ଦିନ ମୁଖ୍ୟ ଅତିଥି ଭାବରେ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନୀତ ଅତିଥି ଭାବରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ, ଜିଲା ଖେଳ ନିରୀକ୍ଷକ ମହେନ୍ଦ୍ର ପଣ୍ଡା, ସାମାଜିକ କର୍ମି ହିମାଂଶୁ ଶେଖର ବରାଡ ଉପସ୍ଥିତ ଥିଲେ। କ୍ଲବର ସଭାପତି ସନ୍ତୋଷ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ସଂପାଦକ ବିପିନ ଦୁରିଆ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଖେଳ କୁ ପର୍ଶୁରାମ ବାଗ ପରିଚାଳନା କରିଥିଲେ।

# ବାଲେଶ୍ୱର ଶ୍ରୀ ସିରିଡି ସାଇ ପାରାୟଣରେ କୋଣାର୍କ ସାଇସେନା କର୍ମୀ



କୋଣାର୍କ, ୨୨।୧୨(ଶ୍ରୁ.ମି): କୋଣାର୍କ ସାଇସେନାର କର୍ମୀମାନେ ବାଲେଶ୍ୱର ମୋତିଗଞ୍ଜ ନିକଟସ୍ଥ ରାଜସ୍ଥାନ ଭବନରେ ଅନୁଷ୍ଠିତ ହେଉଥିବା ଶ୍ରୀ ସିରିଡି ସାଇ ବାବାଙ୍କ ସତ ଚରିତ୍ର ପାରାୟଣରେ ଯୋଗ ଦେଇ ସେଠାରେ ଉପସ୍ଥିତ ଥିବା ଭକ୍ତ ମାନଙ୍କର ସେବା କାର୍ଯ୍ୟରେ ବନିଯୋଗ ହୋଇ ଥିବାର ସାଇସେନାର ସଭାପତି ଇଂ.ସତ୍ୟଜିତ ନାୟକ ପ୍ରକାଶ କରିଛନ୍ତି ।ଏହି ସତ ଚରିତ ପାରାୟଣରେ ଓଡିଶାର କୋଣ ଅନୁକୋଣରୁ ଆସିଥିବା ଶ୍ରଦ୍ଧାଳୁ ମାନଙ୍କର ସେବାକରିବା ପାଇଁ ସେଠାକୁ ସାଇସେନାର କର୍ମୀ ପଂଚାନନ ଲେଙ୍କା, ସାଗର କୁମାର ସ୍ୱାଇଁ,ସଞ୍ଜୟ କୁମାର ସାହୁ ସେଠାରେ ସ୍ୱେଚ୍ଛାସେବି ଭାବେ ଯୋଗଦେଇଥିଲେ ।ଏହି ପାରାୟଣ ୨୧ତାରିଖ ଠାରୁ ଆରମ୍ଭ ହୋଇ ୨୮ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସାଇସେନାର କର୍ମକର୍ତା ମାନେ ସୁଚନା ଦେଇଛନ୍ତି ।

# ବିଶ୍ୱାମ୍ ବିଦ୍ୟା ମନ୍ଦିର ବଲାଙ୍ଗିର ର ୨୧ ତମ ବାର୍ଷିକ କ୍ରୀଡା ମହୋତ୍ସବ



ବଲାଙ୍ଗିର, ୨୨/୧୨(ଶ୍ରୁ.ମି): ବିଶ୍ୱାମ୍ ବିଦ୍ୟା ମନ୍ଦିର, ବଲାଙ୍ଗିର ର ୨୧ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆନନ୍ଦ ନିକେତନ ପରିସର ମଧ୍ୟରେ ତିନି ଦିନ ଧରି (୨୦,୨୧ ଓ ୨୨ ଡିସେମ୍ବର) ହର୍ଷୋଲ୍ଲାସ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କ୍ରୀଡା ମହୋତ୍ସବକୁ ବଲାଙ୍ଗିର ଜିଲ୍ଲା ବନ ଅଧିକାରୀ ସମୀର ଶତପଥି ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟା ମନ୍ଦିରର ଛାତ୍ରମାନେ ସମଲେଶ୍ୱରୀ ମନ୍ଦିର ଠାରୁ ଆନନ୍ଦ ନିକେତନ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଲମ୍ବଡିଆଁ, ଉଚ୍ଚ ଡିଆଁ , ଜେଭଲିନ୍ ଥ୍ରୋ, ସଟଫୁଟ, ବଲ୍ ଫିଙ୍ଗା, ଡେଙ୍ଗଡିଆ ଇତ୍ୟାଦି ବିଭିନ୍ନ ବର୍ଗର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତା.୨୨ ଡିସେମ୍ବର ଦିନ ବିଦ୍ୟାମନ୍ଦିର ର ବିଭିନ୍ନ ଶାଖାମାନଙ୍କ ମଧ୍ୟରେ ଆନ୍ତଃବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ପୂଜ୍ୟ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଙ୍କ ଦିବ୍ୟ ଉପସ୍ଥିତିରେ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ 'କ' ବିଭାଗରେ ଓମ୍‌କାର ଜେନା, 'ଖ' ବିଭାଗରେ ଗୁଣବନ୍ତ ସିଂମାଝି, 'ଗ' ବିଭାଗରେ ଶୁଭମ୍ ମହାପାତ୍ର ଓ ସୁହାନି ଚନ୍ଦ, 'ଘ' ବିଭାଗରେ ଓମ୍ ପ୍ରକାଶ ସାହୁ ଓ ଖୋଳଣା ପ୍ରୀୟଦର୍ଶିନୀ ସାହୁ, 'ଙ' ବିଭାଗରେ ସୁନିଲ ଖରସେଲ ଓ ସ୍ନେହାଞ୍ଜଳୀ ସାଏ ଚମ୍ପିୟାନ ହୋଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିନୟ କୁମାର ନାୟକ, ଖେଳ ପ୍ରମୁଖ ରାମ ନାରାୟଣ ଯୋଷୀ ଓ ଖେଳ ଶିକ୍ଷକ ବିମଲ ସ୍ୱାଇଁ ପରିଚାଳନା କରିଥିଲେ । ଶେଷରେ ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକୋତ୍ସବ

ଜୁନାଗଡ,୨୨।୧୨(ଶ୍ରୁ.ମି): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୩୧ ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦୀପ ପ୍ରଜ୍ଜଳନ ସହ ସରସ୍ୱତୀ ବନ୍ଦନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍କୁଲ ପରିଚାଳନା କମିଟିର ସଭାପତି ଦୂର୍ଗା ପ୍ରସାଦ ନାଏକ ଙ୍କ ସଭାପତିତ୍ୱରେ ମୂଖ୍ୟ ଅତିଥି ଭାବରେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନୀତ ଅତିଥି ଭାବରେ ଜୁନାଗଡ ଏନଏସି ଅଧକ୍ଷା ବିଜୟଲକ୍ଷ୍ମୀ କନ୍ଦପାନ, ସ୍କୁଲ ପରିଚାଳନା କମିଟି ସଂପାଦକ ତୁଳସୀରାଜ ପଟ୍ଟନାୟକ, ସ୍କୁଲ ର ପ୍ରଧାନ ଆଚାର୍ଯ୍ୟ ଶିବରାଜ ମିଶ୍ର ଉପସ୍ଥିତ ଥିଲେ। ମୂଖ୍ୟ ବକ୍ତା ଭାବରେ ନର୍ଲା ମହାବିଦ୍ୟାଳୟ ର ଅଧାପିକା ଡଃ ସୁଜାତା ମୁଣ୍ଡ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ଉପ ସଭାପତି ଶୁଭେନ୍ଦୁ କୁମାର ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଛାତ୍ର ଆଦର୍ଶ ଆଚାରୀ ଓ ଛାତ୍ରୀ ଦେବକି ଗୋଏଲ। ଏହି ଅବସରରେ ମୂଖ୍ୟ ଅତିଥି କ୍ୟାପଟେନ ମିଶ୍ର ଛାତ୍ର ଙ୍କୁ ଭବିଷ୍ୟତରେ ରୋଜଗାର କଲେ କିଛିକାଂଶ ଦେଶ ଓ ଜାତୀ ପାଇଁ ନିଷ୍ଠାର ସହ କିଛି ଖର୍ଚ୍ଚ କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ମୂଖ୍ୟ ବକ୍ତା ଶିଶୁ କୁ ସତକର୍ମ କଲେ ସାକାରାତ୍ମକ ଭାବନା ଉଦ୍ରେକ ହୁଏ। ଏହା ଦ୍ୱାରା କର୍ମ ରେ ଶାନ୍ତି ମିଳେ ବୋଲି କହିଥିଲେ। ଏହାପରେ ପୁରଷ୍କାର ବିତରଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭୁଜାଲି ଦେଖାଇ ୬୦ ହଜାର ଲୁଟ୍

ଅନୁଗୋଳ ,୨୨।୧୨(ଶ୍ରୁ.ମି): ଅନୁଗୋଳ ଓମ ଆସୋସିଏଟସ ବ୍ୟବସାୟ ସଂସ୍ଥାର ଦୁଇଜଣ କର୍ମଚାରୀଙ୍କୁ ରାତିରେ ଦୁର୍ବୃତ୍ତମାନେ ଭୁଜାଲି ଦେଖାଇ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଏହି ସଂସ୍ଥାର କର୍ମଚାରୀ ପ୍ରଭାତ କୁମାର ଦାସ ଓ ଅନ୍ୟଜଣେ କର୍ମଚାରୀ ଗତକାଲି ଏନଟିପିସି ବଜାରରେ ଡ଼ିଟରଜେଣ୍ଟ ବକ୍ରିକରି ଏକ ଟାଟା ଏସିଇରେ ତାଳଚେର ଦେଇ ଫେରୁଥିଲେ। ଦୁଇଜଣ ମୁଖା ପିନ୍ଧା ଯୁବକ ଏକ ହୋଣ୍ଡା ସାଇନ ବାଇକରେ ଆସି ତାଳଚେର ଥାନା ଯଦୁନାଥପୁର ଗାଁ ନିକଟରେ ତାଙ୍କ ବାଟ ଓଗାଳିଥିଲେ। ଗାଡ଼ି ଅଟକିବାରୁ ଦୁର୍ବୃତ୍ତମାନେ ଭୁଜାଲି ଦେଖାଇ କର୍ମଚାରୀଙ୍କଠାରୁ ୬୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ଗତକାଲି ରାତି ସାଢ଼େ ୮ଟାରେ ଲୁଟ ହୋଇଥିଲା। ପ୍ରଭାତ କୁମାର ଦାସ ଆଜି ଏ ସଂପର୍କରେ ତାଳଚେର ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସଂପର୍କରେ ପୁଲିସ ତଦନ୍ତ ଚଳାଇଛି।

# ଅଇଁଲାଚୁଆଁ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ



ବଲାଙ୍ଗିର,୨୨।୧୨(ଶ୍ରୁ.ମି): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଅଇଁଲାଚୁଆଁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଆଟଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ତରଣୀସେନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସନାତନ ଠାକୁର ଯୋଗ ଦେଇ ଜୀବନରେ ଗାଣିତିକ ବିଚାରକୁ ନେଇ ବାଟ ଚାଲିବା ପାଇଁ ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୁଇଁତଲା ବି.ଇ.ଓ. ନେପାଳ ଚନ୍ଦ୍ର ବାଗ ନିଜ ବକ୍ତବ୍ୟରେ ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତାକୁ ଆପଣେଇବା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ହୋତା, କୁରୁଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ । ସଭାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଣିତ କିଟ୍ସ ପ୍ରଦର୍ଶିତ ହୋଇଥିଲା । ଗଣିତ କଳିକା ଆନ୍ଦୋଳନକୁ ଆଗେଇ ନେଉଥିବା ସାଧନ କର୍ମୀ ପ୍ରଜ୍ଞା ବହିଦାର ଓ ରଶ୍ମିତା ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଗଣିତକୁ ସହଜରେ ଶିଖିବା ପାଇଁ କିଟ୍ସରେ ଥିବା ଉପକରଣ ଗୁଡିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ କରାଇ ପିଲା ନିଜ ହାତରେ ଉପକରଣକୁ ନେଇ ଗଣିତର ଜଟିଳ ସୁତ୍ରକୁ ଅତି ସହଜରେ ସମାଧାନ କରୁଥିଲେ । ଛାତ୍ରୀ ଜିନି ବଢିଆ, ଭାରତୀ ପୁଟେଲ, ଜ୍ୟୋତିକା ନାଏକ, ମାମୁନି ଗଡତିଆ, ରଶ୍ମି ପ୍ରଧାନ ଓ ମାନସୀ ପଧାନ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ଗଣିତ କୁଇଜ୍ ପ୍ରତିଯୋଗିତାରେ ରାହୁଲ କଟୁଆ, ସୁମିତ ପଧାନ, ରୋଶନ ପଧାନ, ଓଁକାର ସୁନା, ଅମିତ କୁମାର ନାଏକ, ରୋହନ କଟୁଆ, ରୁଦ୍ର ପ୍ରତାପ ଭୋଇ, ସୁଭମ ନନ୍ଦ ଓ ଯୁବରାଜ ନନ୍ଦଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ 'କିଏ ବଡ' ଓ ଗଣିତ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷକ ପରିତୋଷ ଉଦଗାତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶର୍ମିଷ୍ଠା ହୋତା ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସଂଜିବନୀ ପଣ୍ଡା । ଶିକ୍ଷକ ଆନନ୍ଦ ବଡପଣ୍ଡା, ଜୟକୃଷ୍ଣ ନାଏକ, ଦିଗାମ୍ବର ନାଏକ ତଥା ବିଦ୍ୟାଳୟର ଶିକ୍ଷକ ରଞ୍ଜିତ ବେହେରା, ଶ୍ରୀକୃଷ୍ଣ ପଟେଲ, ଧ୍ରୁବର ବିଶ୍ୱାଳ, ରାଧେଶ୍ୟାମ ମାଝି, ଧ୍ରୁବରାଜ ଚୋପଦାର, ଶିକ୍ଷୟିତ୍ରୀ ନିହାରିକା ମିଶ୍ର, ମମତା ନାୟକ, ଅମିତା ଥନାପତି, ଚିରସ୍ମିତା ନାଏକ ସହଯୋଗ କରିଥିଲେ ।

# ସାମାଜିକ ସେବାରେ ସାମିଲ ହେଲା ପୋଲିସ



ମହାକାଳପଡା,୨୨।୧୨(ଶ୍ରୁ.ମି): ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ରଖିବା, ପୋଲିସ୍ ଓ ଜନତାଙ୍କ ମଧ୍ୟରେ ଦୂରତା କମାଇବା ପାଇଁ ପୋଲିସ୍ ଦ୍ୱାରା ଆମ ପୋଲିସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଯାହା ଦ୍ୱାରା ପୋଲିସ୍ ପ୍ରଶାସନ ଉପରେ ଲୋକମାନଙ୍କର ଆସ୍ଥା ବଢ଼ିବ । କିନ୍ତୁ ସାମାଜିକ ସେବାରେ ପୋଲିସ୍ ନିଜକୁ ସମ୍ପୃକ୍ତି କରିବା ଭଳି ଏକ ବିରଳ ପଦକ୍ଷେପ ଆଜି ମହାକାଳପଡ଼ା ପୋଲିସ୍ ହାତକୁ ନେଇଛି । ଯାହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଗାଁକୁ ଗାଁ ଯାଇ ଗରିବ, ଅସହାୟ ଓ ନିସ୍ୱ ଲୋକମାନଙ୍କୁ ଶୀତବସ୍ତ୍ର ବାଂଟିବା ଦୃଶ୍ୟ ଗାଁ ଲୋକଙ୍କୁ ଚମକାଇ ଦେଇଛି । ମହାକାଳପଡ଼ା ପଂଚାୟତର ଶିଖର ଗ୍ରାମର ସାବିତ୍ରୀ ଜେନା, ଚଢ଼ାଇଗୁଆଁ ଗ୍ରାମର ମାଳତୀ ପାଇଲି, କୈଳାସ ସ୍ୱାଇଁ, ଧର୍ମେନ୍ଦ୍ର ସେଠୀ, ସରୋଜିନୀ ବେହେରା, ଗଉଡ଼ବାଡ଼ପୁର ଗ୍ରାମର ବାବୁଲି ସେଠୀ, ଦୋଳଗୋବିନ୍ଦ ସେଠୀ, ଚନ ସେଠୀ, କୁଶେଇ ସେଠୀ ଲୋକମାନଙ୍କୁ ଶୀତବସ୍ତ୍ର ବଂଟନ କରାଯିବା ପରେ ପୋଲିସ୍ ଯେ ଖାଲି ଶାନ୍ତିଶୃଙ୍ଖଳା ରଖେ ତାହା ନୁହେଁ ପୋଲିସ୍ ବି ସାଧାରଣ ଲୋକଙ୍କୁ ସହାୟତାର ହାତ ବଢ଼ାଇପାରେ ବୋଲି ଆଜି ପ୍ରମାଣିତ ହୋଇଛି । ମହାକାଳପଡ଼ା ଆଇଆଇସି ଶ୍ୟାମଘନ ବେହେରା, ସବଇନିସ୍‌ପେକ୍ଟର ବିଜୟ କୁମାର ଖଟୁଆ, ହାବିଲଦାର ପ୍ରଫୁଲ୍ଲ କୁମାର ସେଠୀ, ନାରାୟଣ ମୁଦୁଲି ଓ ଗୃହରକ୍ଷୀ ଜ୍ଞାନରଞ୍ଜନ ସାମଲ ଆଇଆଇସିଙ୍କ ସାଙ୍ଗରେ ରହି ସହଯୋଗ କରିଥିଲେ। ସେହିପରି ଅପରାହ୍ନରେ ରାଜଗଡ଼ ପଂଚାୟତରେ ମଧ୍ୟ କିଛି ଲୋକଙ୍କୁ ମହାକାଳପଡ଼ା ପୋଲିସ୍ ପକ୍ଷରୁ ଶୀତବସ୍ତ୍ର ବଂଟନ କରାଯାଇଛି । ଏହି ମହତ କାର୍ଯ୍ୟରେ ମହାକାପଡ଼ା ସାମ୍ବାଦିକ ସଂଘର ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ପ୍ରଦୂଷଣ ବିଷ ଜ୍ୱାଳାରେ ଅନୁଗୋଳ

ଅନୁଗୋଳ ୨୨।୧୨(ଶ୍ରୁ.ମି): ଅନୁଗୋଳରେ ବହୁଛି ବିଷ ପବନ। ନିଶ୍ୱାସରେ ଯାଉଛି ସାଙ୍ଘାତିକ ପ୍ରଦୂଷଣଯୁକ୍ତ ହାୱା। ରୋଗ ମୁହଁକୁ ଠେଲି ହୋଇଯାଉଛି ଜୀବନ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଥ୍ୟ ଏଭଳି ସତର୍କଭରା ସଂକେତ ଦେଇଛି। ସୂଚାଇ ଦେଇଛି ଯେ ଅନୁଗୋଳରେ ବାୟୁ ପ୍ରଦୂଷଣମାତ୍ରା ଅତ୍ୟନ୍ତ ସଂଗୀନ (କ୍ରିଟିକାଲ) ସ୍ତରରେ ପହଞ୍ଚିଛି। ନାଲକୋ ଟାଉନସିପ, ତାଳଚେର ଟିଟିପିଏସ ଏବଂ ତାଳଚେର ଏମସିଏଲ ଅଂଚଳରେ ବି ଅନୁରୂପ ଅବସ୍ଥା। ଭୟଙ୍କର ରୂପେ ବାୟୁ ପ୍ରଦୂଷଣ ହୋଇଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଅଥଚ ପ୍ରଦୂଷଣ ରୋକିବା ଦିଗରେ ନା କୌଣସି ଠୋସ ପଦକ୍ଷେପ ନିଆଯାଉଛି ନା ପ୍ରଦୂଷଣ ବଢ଼ାଉଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ଗଲା ଆଠ ବର୍ଷ ହେବ କ୍ରମାଗତ ଭାବେ ଏ ପ୍ରକାରସ୍ଥିତି ଲାଗି ରହିବା ଘଟଣା ସାଧାରଣ ଲୋକଙ୍କୁ କେବଳ ବିଭିନ୍ନ ରୋଗ ମୁହଁକୁ ଠେଲି ଦେଉନାହିଁ। ବରଂ ପରିବେଶବିତଙ୍କୁ ବି ଚିନ୍ତାରେ ପକାଇ ଦେଇଛି। ଏହାର ପ୍ରଭାବରେ ଛୋଟରୁ ବଡ଼ ଯାଏ ବିଭିନ୍ନ ବର୍ଗର ଲୋକଙ୍କୁ ଶ୍ୱାସନଳୀ, ଫୁସଫୁସ ସଂକ୍ରମଣ ସହ ଆଜମା, ନିମୋନିଆ, ଚର୍ମ ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁଗୋଳ ଶାଖାର ଆଞ୍ଚଳିକ ଅଧିକାରୀ ଡ଼କ୍ଟର ବି.ବି. ଦାଶ କହିଛନ୍ତି, ପି ଏମ୍-୧୦ ବାର୍ଷିକ ହାରାହାରୀଠାରୁ ବହୁ ପରିମାଣରେ ବଢ଼ିଛି। ଏହା ବିଭିନ୍ନ ରୋଗର କାରଣ ହୋଇପାରେ। ପ୍ରଦୂଷଣ ରୋକିବା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ସମୟରେ ପ୍ରଦୂଷଣ ବଢ଼ାଉଥିବା ସଂସ୍ଥା ବିରୋଧରେ କାରଣ ଦର୍ଶାଅ ଓ ବନ୍ଦ ନୋଟିସ ଦିଆଯାଉଛି। ବିଭିନ୍ନ ସମୟରେ ପ୍ରଦୂଷଣ ବଢ଼ାଉଥିବା ସଂସ୍ଥା ବିରୋଧରେ କାରଣ ଦର୍ଶାଅ ଓ ବନ୍ଦ ନୋଟିସ୍ ଦିଆଯାଉଛି। ତାଛଡ଼ା ଏବେ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ମଧ୍ୟ ପ୍ରଦୂଷଣ ରୋକିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଥିବା ଡ଼କ୍ଟର ଦାଶ ସୂଚନା ଦେଇଛନ୍ତି।

# ବିଭିନ୍ନ ସମସ୍ୟା ତଥା ମରୁଡ଼ି କ୍ଷତିପୂରଣ ଦାବି ନେଇ ଜିଲ୍ଲାପାଳ ଅଫିସ ଘେରିଲା ଭାଜପା

ଅନୁଗୋଳ , ୨୨।୧୨(ଶ୍ରୁ.ମି): ଅନୁଗୋଳ ଜିଲ୍ଲାର ମରୁଡ଼ି, ଅଦିନିଆ ବର୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ସମସ୍ୟା, ପ୍ରଦୂଷଣ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ଶୌଚାଳୟ ଦୁର୍ନିତି ଆଦି ବିଭିନ୍ନ ସମସ୍ୟା ନେଇ ଆଜି ଜିଲ୍ଲା ଭାଜପା ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ଭାଜପା ଜିଲ୍ଲା ସଭାପତି ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଦଳୀୟକର୍ମି ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସଭାରେ ପ୍ରାକ୍ତନ ରାଜ୍ୟସଭା ସାଂସଦ ରୁଦ୍ରନାରାୟଣ ପାଣି, ରାଷ୍ଟ୍ରୀୟ ସଂପାଦକ ସୁରେଶ ପୂଜାରୀ ପ୍ରମୁଖ ଯୋଗ ଦେଇ ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ସରକାର ଚାଷୀମାନଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିବା ସହ ଚଳିତବର୍ଷ ମରୁଡ଼ି ଓ ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ପ୍ରଶାସନ ନିକଟରେ କୌଣସି ତଥ୍ୟ ନ ଥିବା ନେଇ ତୀବ୍ର ଅଭିଯୋଗ ଆଣିଛନ୍ତି। ଏପରିକି କେନ୍ଦ୍ର ଦେଇଥିବା ଅନୁଦାନକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଚକ୍ରାନ୍ତ କରି ସଦପୋଯୋଗ କରୁ ନଥିବା ନେଇ ନେତୃମଣ୍ଡଳୀ ତିବ୍ର ସମାଲୋଚନା କରିଥିଲେ। ଜିଲାରେ ୫ ବିଧାୟକ, ୨ ସାଂସଦ ଥିଲେ ମଧ୍ୟ ଜିଲାବାସୀ ଚରମ ଅବହେଳାର ଶିକାର ହେଉଛନ୍ତି। ଜିଲାର ଅଙ୍ଗନୱାଡ଼ି କେନ୍ଦ୍ର ଭଙ୍ଗାରୁଜା ଘରେ ଚାଲିଥିବାବେଳେ ସାଂସଦ, ବିଧାୟକ ଏ ଦିଗରେ ଦୃଷ୍ଟି ନଦେଇ ନ୍ୟସ୍ତସାର୍ଥ ରାଜନୀତି କରୁଥିବା ନେଇ ନେତୃମଣ୍ଡଳୀ ତୀବ୍ର ପ୍ରତିବାଦ କରିଥିଲେ। ଅପରପକ୍ଷେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ନାକ ଫାଟି ପଡୁଥିବାବେଳେ ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଶୌଚାଳୟ ନିର୍ମାଣରେ ବ୍ୟାପକ ଦୁର୍ନିତୀ ଓ ପିସି କାରବାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏବଂ ଜିଲାରେ ଦିନ ଦ୍ୱିପ୍ରହରରେ ଲୁଟତ୍‌ରାଜ ଚାଲିଥିଲେ ମଧ୍ୟ ପୁଲିସ୍ ଟେର ପାଉନି। ଏପରିକି ଜିଲାପାଳଙ୍କ ଅଫିସ ପରିସରରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଲୁଟ ହୋଇଥିଲେ ମଧ୍ୟ ପୁଲିସ ପାଖରେ ଖବର ନାହିଁ। ଏବଂ ତାଳଚେର ଖଣି ଅଞ୍ଚଳରେ ଭାଜପା ସମର୍ଥକଙ୍କ ଉପରେ ବିଧାୟକଙ୍କ ଗୁଣ୍ଡା ଆକ୍ରମଣ କରୁଥିଲେ ମଧ୍ୟ ପୁଲିସ ନୀରବଦ୍ରଷ୍ଟା ସାଜୁଛି ବୋଲି ଭାଜପା ନେତୃ ବୃନ୍ଦ ଏହାର କଡ଼ା ସମଲୋଚନା କରିଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ଗେଟ୍‌ମିତ୍ର ନିୟୋଜିତ




ଭୁବନେଶ୍ୱର,୨୧/୧୨ (ଶ୍ରୁ.ମି): ଜଗୁଆଳୀ ବିହୀନ ଲେଭଲ କ୍ରସିଂ ଗେଟରେ ଦୁର୍ଘଟଣାରୋକିବା ନିମନ୍ତେ ପୂର୍ବତଟ ରେଳପଥ 'ଗେଟ ମିତ୍ର' (ଗେଟ କାଉନସେଲର) ନିୟୋଜନ କରିଛି । ଜଗୁଆଳୀ ବିହୀନ ଲେଭଲ କ୍ରସିଂ ଗେଟରେ ଦୁର୍ଘଟଣା ରୋକିବା ସହ ନିରାପତ୍ତା ଉନ୍ନତି ନିମନ୍ତେ ରେଳ ମନ୍ତ୍ରାଳୟର ଏହା ଏକ ପ୍ରୟାସ । ଯେଉଁ ବ୍ୟକ୍ତିଟି ଗେଟ୍ ମିତ୍ର ଭାବେ ନିଯୁକ୍ତ ହେବ ସେ ଜଗୁଆଳୀ ବିହୀନ ଲେଭଲ କ୍ରସିଂରେ ରାସ୍ତା ବ୍ୟବହାରକାରୀମାନଙ୍କୁ ଟ୍ରେନ ଆସୁଥିବାରୁ ସୂଚନା ଦେବା ସହ ଲେଭଲ କ୍ରସିଂ ପାର ହେବାର ନିୟମ ଉପରେ ସଚେତନ କରାଇବ । ରେଲୱେର ଗେଟ୍ ମିତ୍ର ମୂଳତଃ ଏହି ଫାଟକ ନାକଟରେ ରାସ୍ତା ବ୍ୟବହାରକାରୀ ମାନଙ୍କୁ ଫାଟକ ପାର ହେବାର ନୀତି ନିୟମ ବିଷୟରେ ଅବଗତ କରାଇବ । ବିଭିନ୍ନ ସୁବିଧାକୁ ସାମ୍ନାରେ ରଖି ରେଳପଥ, ଜଗୁଆଳୀ ବିହୀନ ଲେଭଲ କ୍ରସିଂ ଗୁଡିକୁସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପରାସ୍ତା କିମ୍ବା ରୋଡ ଓଭରବ୍ରିଜରେ ପରିବର୍ତ୍ତନ କରାଯିବ ।

ଗେଟ୍ ମିତ୍ର' ଏହି ଫାଟକରେ ନିରାପତ୍ତା ସମ୍ବନ୍ଧୀୟ ପ୍ରଚାରପତ୍ର ମଧ ବାଣ୍ଟିବେ ଏବଂ ପତାକା ଦେଖାଇ ରାସ୍ତା ବ୍ୟବହାରକାରୀମାନଙ୍କୁ ସାବଧାନ କରାଇବେ । ଏମାନେ ବିଭିନ୍ନ ଗେଟରେ ନିୟୋଜନ ପୂର୍ବରୁ ତାଙ୍କୁ ରେଳପଥ ପକ୍ଷରୁ କିଭଳି ରାସ୍ତା ବ୍ୟବହାରକାରୀମାନଙ୍କୁ ଅବଗତ କରାଇବେ ସେଥି ନିମନ୍ତେ ପ୍ରଶିକ୍ଷଣ ଦିଆଯାଉଛି । ଗେଟ୍ ମିତ୍ର ମାନେ ଲେଭଲ କ୍ରସିଂରେ ଚବିଶ ଘଣ୍ଟା ନିୟୋଜିତ ହେବେ ଏବଂ ସେମାନଙ୍କ ନିମନ୍ତେ ଅନୁମୋଦିତ ଡ୍ରେସ କୋଡ (ପ୍ରତିଦୀପ୍ତ ଆଲୋକିତ ନିରାପତ୍ତା ଜ୍ୟାକେଟ) ପିନ୍ଧିବା ସହ ଯେଉଁମାନେ ନିୟମ ଉଲ୍ଲଂଘନ କରିବେ କିମ୍ବା ଦୁର୍ବ୍ୟବହାର କରିବେ ସେମାନଙ୍କ ବିରୁଦ୍ଧରେ ଏଫଆଇଆର ଦେଇପାରିବେ ।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୧୪୪ଟି ସମ୍ବେଦନଶୀଳ ସ୍ଥାନରେ ଗେଟ୍ ମିତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧା ରେଳ ମଣ୍ଡଳରେ ୧୦ଟି, ସମ୍ବଲପୁରରେ ୬୮ଟି, ଓ ୱାଟିୟରୀ ରେଳ ମଣ୍ଡରେ ୬୬ଟି ସ୍ଥାନରେ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ପ୍ରଦାନ କରାଯାଇଛି । ଏହି ସବୁ ସ୍ଥାନରେ ରୋଡ ଟ୍ରାଫିକ ଅଧିକା ଥିବାରୁ ଏବଂ ଦୁର୍ଘଟଣା ଦୂରେଇବାକୁ ଏହି ଗେଟମିତ୍ରମାନେ କାର୍ଯ୍ୟ କରିବେ । ଗେଟ ମିତ୍ର ନିୟୋଜନ ହେଉଛି ଏକ ଅସ୍ଥାୟୀ ବ୍ୟବସ୍ଥା । ୨୦୧୮ ସୁଦ୍ଧା ସମସ୍ତ ଜଗୁଆଳୀ ବିହନୀ ଲେଭଲ କ୍ରସିଂ ଗେଟକୁ ବନ୍ଦ କରି ଦିଆଯିବ । ୨୦୧୭-୧୮ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୨୫ଟି ଜଗୁଆଳୀ ବିହୀନ ଲେଭଲ କ୍ରସିଂକୁ ବନ୍ଦ କରିଛି । ୨୦୧୮ ଶେଷ ସୁଦ୍ଧା ସମସ୍ତ ଜଗୁଆଳୀ ବିହୀନ ଲେଭଲ କ୍ରସିଂକୁ ବନ୍ଦ କରିବାର ଯୋଜନା ରଖାଯାଇଛି ।

# ଆରଏସ୍‌ପିକୁ କ୍ୱାଲିଟି ସର୍କଲ ପୁରସ୍କାର

ରାଉରକେଲା,୨୨/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ପରିବର୍ତ୍ତନ କ୍ୱାଲିଟି ସର୍କଲ, ଭୁବନେଶ୍ୱର ଠାରେ ଡିସେମ୍ବର ୧୫ ତାରିଖରେ କନ୍‌ଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ କ୍ୱାଲିଟି ସର୍କଲ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ଇସ୍ପାତ ସହର ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି । ଭୁବନେଶ୍ୱର ଠାରେ ସି.ଆଇ.ଆଇ ପକ୍ଷରୁ ଅନୁଷ୍ଠିତ ଏଣ୍ଟରପ୍ରାଇଜ ଓଡିଶା ୨୦୧୭, ଉଦ୍‌ଯାପନୀ ଉତ୍ସବରେ ଓଡିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ଏସ୍.ସି. ଜମିର, ଉକ୍ତ ପରିବର୍ତ୍ତନ କ୍ୱାଲିଟି ସର୍କଲ ଦଳକୁ ସମ୍ବର୍ଦ୍ଧିତ କରିଥିଲେ ।






ସୂଚନାଯୋଗ୍ୟ ଯେ, ପୂର୍ବରୁ କୋଲକାତା ଠାରେ ଆଞ୍ଚଳିକସ୍ତରୀୟ ୨୯ ତମ ସମ୍ମେଳନରେ ଏହି ଦଳ ଚାମ୍ପିଅନ ଟ୍ରଫି ହାସଲ କରିଥିବା ପରିପ୍ରେକ୍ଷୀରେ ଡିସେମ୍ବର ୧୩ ତାରିଖରେ ଏଣ୍ଟରପ୍ରାଇଜ ଓଡିଶା ୨୦୧୭ର ଉଦ୍‌ଘାଟନୀ ଉତ୍ସବରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଧ ଏହି ଦଳକୁ ସମ୍ମାନିତ କରିଥିଲେ ।

ଏହି ପ୍ରତିଭାବାନ କ୍ୱାଲିଟି ସର୍କଲ ଦଳ, ମହୀଶୁର ଠାରେ ଡିସେମ୍ବର ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କ୍ୱାଲିଟି କନ୍‌ସେପ୍ଟର ଜାତୀୟ ସମ୍ମେଳନରେ ନିଜର ପ୍ରକଳ୍ପ ଉପସ୍ଥାପନା କରି ପାର୍ ଏକ୍ସେଲେନ୍ସ ପୁରସ୍କାର ପ୍ରାପ୍ତ କରିଥିଲେ ଯାହାକି ଏହି ପ୍ରତିଯୋଗିତାର ଏହା ହେଉଛି ଶ୍ରେଷ୍ଠ ପୁରସ୍କାର । ଏହାବ୍ୟତୀତ, ମଡେଲ ପ୍ରତିଯୋଗିତାରେ ଏହି ଦଳ, ପ୍ରଥମ ଉପବିଜେତା ହୋଇଥିବାବେଳେ ଗତବର୍ଷ ମଧ ରାୟପୁରରେ ଅନୁଷ୍ଠିତ ଜାତୀୟ କ୍ୱାଲିଟି କନ୍‌ସେପ୍ଟ ସମ୍ମେଳନରେ ପାର୍ ଏକ୍ସେଲେନ୍ସ ପୁରସ୍କାରରେ ପୁରସ୍କୃତ ହୋଇଥିଲେ । ଏହି ଦଳର ସଦସ୍ୟମାନେ ହେଲେ ୪ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ ମେକାନିକାଲ ବିଭାଗର ସିନିୟର ଟେକ୍ନିସିଆନ ସର୍ବଶ୍ରୀ ସଞ୍ଜୟ କୁମାର ଲେଙ୍କା, ଘନଶ୍ୟାମ ମହାନ୍ତ, ଦିଲେଶ୍ୱର ମହାନ୍ତ, ପ୍ରଦୀପ କୁମାର ଖଟୁଆ ଏବଂ ଅମରେନ୍ଦ୍ର ସାହୁ । ବିଭାଗର ଜୁନିୟର ମ୍ୟାନେଜର ସୁଶ୍ରୀ ସଂଗୀତା ପୁଷ୍ପା ମିଞ୍ଜ ପ୍ରମୁଖ ଏହି କ୍ୱାଲିଟି ସର୍କଲ ଦଳର ଫେସିଲିଟେଟର ଥିଲେ ।

# ଆଦିବାସୀ ଲୋକକଳାର ସ୍ୱତନ୍ତ୍ରତା ହେଉଛି ପରବ : ସଂସ୍କୃତି ମନ୍ତ୍ରୀ

କୋରାପୁଟ,୨୧/୧୨ (ଶ୍ରୁ.ମି): ଆଦିବାସୀ ଅଧ୍ୟୁଷିତ ଏହି କୋରାପୁଟ ଜିଲାର ଲୋକକଳାର ଏକ ସ୍ୱତନ୍ତ୍ରତା ରହିଛି । ଏହି ସ୍ୱତନ୍ତ୍ରତାକୁ ପୁରପଲ୍ଲୀରୁ ଟାଣିଆଣି ସଦର ମହକୁମାରେ ଏକ ଭିନ୍ନ ରୂପରେ ସଜାଇବାର ପ୍ରୟାସ ହେଉଛି ପରବ । ଏହି ଲୋକକଳାର ସ୍ୱତନ୍ତ୍ରା ଆଜି ଜିଲାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ଜାତୀୟସ୍ତରରେ ସୁନାମ ଆଣିବାରେ ସକ୍ଷମ ହୋଇପାରିଛି ବୋଲି ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପରବ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳିର ପୁନଉଦ୍ଧାର ସହ ବିକାଶ ନେଇ ରାଜ୍ୟ ସରକାର ପକ୍ଷରୁ ୧୧ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଚଳିତ ବର୍ଷ କୋରାପୁଟ ଜିଲାର ଡୁଡୁମା ପର୍ଯ୍ୟଟନସ୍ଥଳିର ବିକାଶ ନେଇ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସମ୍ମାନୀତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଡ.ମୋନା ଶର୍ମା ଯୋଗଦେଇ କୋରାପୁଟ ଜିଲାରେ ରହିଥିବା ପରମ୍ପରା ଓ ପ୍ରାକୃତିକ ଜୀବନଚର୍ଯ୍ୟାକୁ ସାର୍ବଜନୀନ କରିବା ନିମନ୍ତେ ପର୍ଯ୍ୟଟନସ୍ଥଳି ଓ ଭିତ୍ତିଭୂମୀର ବିକାଶକୁ ମୂଳ କେନ୍ଦ୍ର ରୁପେ ବିବେଚିତ କରାଯାଇଅଛି । ଯାହା ଆଗାମୀ ଦିନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ପ୍ରକାଶ କରିଥିଲେ । ସେହିପରି ଅନ୍ୟତମ ସମ୍ମାନୀତ ଅତିଥିଭାବେ ଜିଲା ଯୋଜନା ବୋର୍ଡର ଅଧକ୍ଷ ପ୍ରଫୁଲ୍ଲ କୁମାର



ପାଙ୍ଗି,କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି, କୋଟପାଡ ବିଧାୟକ ଚନ୍ଦ୍ରଶେଖର ମାଝି, ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲୁସିକା, ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ସିନେ ନିର୍ଦ୍ଦେଶକ ପ୍ରଦୀପ ଭୋଳ ପ୍ରମୁଖ ଯୋଗଦେଇ କୋରାପୁଟ ଜିଲାର ସଂସ୍କୃତି, ପରମ୍ପରା ସବୁଠୁ ପ୍ରାଚୀନ ବୋଲି ମତବ୍ୟକ୍ତ କରିବା ସହ ପରବର ବିଗତ ଦିନର ଅନୁଭୁତି ଯୋଗୁ କୋରାପୁଟ ଜିଲା ଆଜି ଦେଶ ବିଦେଶରେ ପରିଚିତ ହୋଇପାରିଛି । ଏହି ଅବସରରେ ମୁଖ୍ୟ ଅତିଥି ଜିଲାର ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗିରିଧାରି କୁମ୍ଭାର, ନଳିନୀ ସିଂ ଗୀତାଞ୍ଜଳି ପାଲେରୋ, ବିଦ୍ୟାଧର ମହନ୍ତ, ମୋହନ ଗରଡା, ହରିଶ୍ଚନ୍ଦ୍ର ହିଆଲ, କ୍ରିକେଟ କୋଚ ଚନ୍ଦ୍ର ଶେଖର ପଟ୍ଟନାୟକ, କମଳା ପୁଜାରି, କେ.ଇଶ୍ୱର ସରାଫ, ପ୍ରିତିଧାରା ସାମଲ ଏବଂ ଦୁଇଟି ସାମାଜିକ ଅନୁଷ୍ଠାନ ଜୟପୁର ସରସ୍ୱତୀ ଶିଶୁମନ୍ଦିର ଓ କୋରାପୁଟର ଗୋପବନ୍ଧୁ ସେବା ସମିତିକୁ ପରବ ସମ୍ମାନ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ରାଜ୍ୟ ସଂସ୍କୃତି ମନ୍ତ୍ରୀ ପ୍ରଥମେ ହସ୍ତକଳା ପ୍ରଦର୍ଶନୀ ଓ ପରବର ବିଭିନ୍ନ ଷ୍ଟଲକୁ ଉଦଘାଟନ କରିବା ସହିତ ପରିଦର୍ଶନ କରିଥିଲେ । ପରେ ପରବ ମୁଖ୍ୟ ମଣ୍ଡପରେ ପହଞ୍ଚି ପରବ ମୁଖ୍ୟ ମଶାଲକୁ ପ୍ରଜ୍ୱଳନ କରିବା ସହ ପରବ ପତାକା ସ୍ଥାପନ କରି ପରବ ମହୋତ୍ସବର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲାପାଳ ଅନୁପମ ଶାହାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀଙ୍କ ସହିତ ଜିଲାର ସମସ୍ତ ବିଧାୟକ ଉପସ୍ଥିତ ରହିଥିବାବେଳେ କୋରାପୁଟ ଓ ନବରଙ୍ଗପୁର ଜିଲାର ଦୁଇ ସାଂସଦ ଉପସ୍ଥିତ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଉଦ୍‌ଘାଟନୀ ଉତ୍ସବରେ ପ୍ରଥମେ କୋରାପୁଟ ଜିଲାର ଦୁରୁଆ ନୃତ୍ୟ କଲକୋତାର ଇ ଜେଡ ସିସି କଳାକାରଙ୍କ ଦ୍ୱାରା ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଜୟପୁର କଳାକେନ୍ଦ୍ରର ଓଡିଶୀ ଗଜାଂମର ଯୋଡି ଶଙ୍ଖ, ସୁନ୍ଦରଗଡ ଓ ପଟ୍ଟାଙ୍ଗିର ଆଦିବାସୀଙ୍କ ନୃତ୍ୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘାଟନୀ ଉତ୍ସବର କାଯ୍ୟକ୍ରମକୁ ଅଧ୍ୟାପକ ଗିରିଜା ଚୌଧୁରି ଓ ହାଲର ଅକ୍ଷୟ ବେହେରା ସଂଯୋଜନା କରିଥିଲେ ।

# ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଏନ୍.ଟି.ପି.ସି କଣିହାଁ ପରିଦର୍ଶନ



ତାଳଚେର,୨୨/୧୨(ଶ୍ରୁ.ମି): ଏନ୍.ଟି.ପି.ସି ପୂର୍ବାଞ୍ଚଳ-୨ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ.ଶ୍ରୀବାସ୍ତବ ଗତ ୨୦ତାରିଖରେ ଏନ୍.ଟି.ପି.ସି.ର ୨ୟ ବୃହତମ ତାପଜ ବିଦ୍ୟୁତ କେନ୍ଦ୍ର ତାଳଚେର କଣିହାଁ ପ୍ରକଳ୍ପକୁ ପରିଦର୍ଶନ କରିଥିଲେ । ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଭାବେ ଦାୟିତ୍ୱ ଗ୍ରହଣ କରିବାପରେ ଶ୍ରୀଯୁକ୍ତ ଶ୍ରୀବାସ୍ତବଙ୍କ ଏହା ପ୍ରଥମ ଏନ୍.ଟି.ପି.ସି କଣିହାଁ ଗସ୍ତ । ୩୦୧୦ ମେଗାୱାଟ ବିଶିଷ୍ଟ ଏନ୍.ଟି.ପି.ସି କଣିହାଁ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ କୁବେର ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଶ୍ରୀ ଶ୍ରୀବାସ୍ତବଙ୍କ ଆଗମନକୁ ସ୍ୱାଗତ କରିଥିଲେ । ଏହି ୨ଦିନିଆ ଗସ୍ତ ଅବସରରେ ଶ୍ରୀ ଶ୍ରୀବାସ୍ତବ ଆଶପଣ୍ଡ,ଇ.ଏସ୍.ପି (ଆର ଆଣ୍ଡ ଏମ୍) ଅଂଚଳ,ବିଷ୍ଣୁ ମୂର୍ତ୍ତୀ ଏବଂ ଷ୍ଟେଜ-୨ ପାୱାର ୟୁନିଟକୁ ବୁଲି ଦେଖିଥିଲେ । ଏହାପରେ ସେ ପ୍ରକଳ୍ପର ବରିଷ୍ଠ ପଦାଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ଅବସରରେ ସେ ବିଦ୍ୟୁତ ପ୍ରକଳ୍ପର ଉତ୍ପାଦନ ସମ୍ବନ୍ଧରେ ନିଜର ମତପ୍ରଦାନ କରିବାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ ।

# କିଟ୍‌ରେ ରାଷ୍ଟ୍ରୀୟ ପାଠାଗାର ମିଶନର କ୍ଷମତା ବିକାଶ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୨/୧୨(ଶ୍ରୁ.ମି): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଆନୁକୂଲ୍ୟରେ କିଟ୍ ଓ ରାଜା ରାମ ମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍ (ଆରଆରଆରଏଲ୍‌ଏଫ୍) ମିଳିତ ସହଯୋଗରେ କିଟ୍ ପରିସରରେ ସାର୍ବଜନିକ ପାଠାଗାର କାର୍ମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ପାଠାଗାର ମିଶନର କ୍ଷମତା ବିକାଶ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିସ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରଫେସର ଚକ୍ରଧର ତ୍ରିପାଠୀ, ଓଡିଶା ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର, ଇଗ୍ନୁ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଉମା କାଞ୍ଜିଲାଲ୍ କିଟ୍ ମୁଖ୍ୟ ଲାଇବ୍ରେରୀ କମିଟିର ଅଧକ୍ଷ ପ୍ରଫେସର ଏ କେ ସେନ୍ ଓ ଆରଆରଆରଏଲ୍‌ଏଫ୍‌ର ଉପନିର୍ଦ୍ଦେଶକ ସୌମେନ ସରକାର ଓ କିଟ୍ ମୁଖ୍ୟ ଲାଇବ୍ରେରୀଆନ୍ ଡ. ବିଜୟଲକ୍ଷ୍ମୀ ରାଉତରାୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ କହିଲେ, କୌଣସି ଶିକ୍ଷାନୁଷ୍ଠନରେ ଥିବା ପାଠାଗାରଟି ଏକ ସାଧାରଣ ବିଭାଗ ନୁହେଁ । ଏହା ହେଉଛି ଶିକ୍ଷାନୁଷ୍ଠାନର ମୁଖ୍ୟ ବିଭାଗ । ପାଠାଗାର ବିନା କୌଣସି ଶିକ୍ଷାନୁଷ୍ଠାନ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ । ଉକ୍ତ ପାଠାଗାରରେ ପାଠାଗାରିକମାନେ ହେଉଛନ୍ତି ସରସ୍ୱତୀଙ୍କ ପ୍ରକୃତ ସେବକ । ପ୍ରଫେସର ତ୍ରିପାଠୀ କହିଲେ, ସତ୍ୟର ସର୍ବଦା ଜୟ ହୋଇଥାଏ । ପୁରାତନ କାଳରେ ରେଖା, ରେଖାଚିତ୍ର ଓ ଚିତ୍ରରୁ ଭାଷାର ବିକାଶ ହୋଇଛି । ସେତେବେଳେ ଲୋକମାନେ ତାଳପତ୍ର, ଭୁର୍ଜପତ୍ର କିମ୍ବା ତମ୍ବା ପ୍ଲେଟ୍‌ରେ ସେମାନଙ୍କ ଲେଖାଗୁଡ଼ିକୁ ସଂରକ୍ଷଣ କରି ରଖୁଥିଲେ । ସେ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦାହରଣ ଦେଇ କହିଲେ, ଟାଗୋର ପାଠାଗାରର ମହତ୍ତ୍ୱ କ'ଣ ତାହା ବୁଝିଥିଲେ । ପାଠାଗାରିକମାନଙ୍କ ଦକ୍ଷତା ବିକାଶ ପାଇଁ ଆରଆରଆରଏଲ୍‌ଏଫ୍ ଦେଶବ୍ୟାପୀ ଯେଉଁ ପ୍ରୟାସ ଆରମ୍ଭ କରିଛି, ତାହା ପ୍ରଶଂସନୀୟ ବୋଲି ପ୍ରଫେସର ସେନ୍ କହିଥିଲେ । ଡ. କାଞ୍ଜିଲାଲ୍ ତାଙ୍କ ଭାଷଣରେ ସାଧାରଣ ଲୋକଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ନିମନ୍ତେ ସମଗ୍ର ଭାରତରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା କରାଯାଉଛି । ଦେଶର ବିଭିନ୍ନ ସ୍ଥାନରେ ୬ଟି ଅତ୍ୟାଧୁନିକ ସଂସ୍କୃତି ପାଠାଗାର ଓ ୩୫ଟି ଜିଲ୍ଲା ପାଠାଗାର ସ୍ଥାପନ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ । ଆରଆରଆରଏଲ୍‌ଏଫ୍ ପକ୍ଷରୁ ପାଠାଗାରିକମାନଙ୍କ ଦକ୍ଷତା ବିକାଶ ପାଇଁ ମୌଳିକ, ମାଧ୍ୟମିକ ଏବଂ ପ୍ରଗତିଶୀଳ ଆଦି ତିନୋଟି ସ୍ତରରେ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଡ. ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ସରକାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ୨ଶହରୁ ଊର୍ଦ୍ଧ୍ୱ ପାଠାଗାରିକ ଯୋଗ ଦେଇଥିଲେ ।

# ହିନ୍ଦୁ ଆଧ୍ୟାତ୍ମିକ ଓ ସେବା ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୨୨/୧୨ (ଶ୍ରୁ.ମି): ଇନିସିଏଟିଭ୍ ଫର୍ ମୋରାଲ୍ ଏଣ୍ଡ୍ କଲଚରାଲ୍ ଟ୍ରେନିଂ ଫାଉଣ୍ଡେସନ (ଆଇଏମ୍‌ସିଟି), ଓଡିଶା ଆନୁକୂଲ୍ୟରେ ରାଜଧାନୀସ୍ଥ ପ୍ରଦର୍ଶନୀ ପଡିଆ ଠାରେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଚାରିଦିନିଆ ଦ୍ୱିତୀୟ ବାର୍ଷିକ ହିନ୍ଦୁ ଆଧ୍ୟାତ୍ମିକ ଓ ସେବାମେଳା ଉ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ଦିନ ୨ଟା ୪୫ ମିନିଟ୍‌ରେ ଗିରି ଦୁର୍ଗା ମନ୍ଦିର ଠାରେ ବଡ ଦେଉଳରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକବୃନ୍ଦଙ୍କ ଦ୍ୱାରା ଅଣାଯାଇଥିବା 'ପ୍ରସାଦମାଳା'କୁ ସ୍ୱାଗତ କରାଯାଇ ଶଙ୍ଖ ଓ ଘଣ୍ଟଧ୍ୱନୀ ତଥା ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ବିରାଟ ପଟୁଆରେ ମେଳାସ୍ଥଳକୁ ପାଛୋଟି ନିଆଯାଇଥିଲା । ବୈଦିକ ସଂସ୍କୃତିର ଅପୂର୍ବ ଝଲକ ଥିଲା ଏହି ପ୍ରସାଦ ମାଳା ଶୋଭାଯାତ୍ରା । ସନାତନ ଧର୍ମରେ ପବିତ୍ର କଳସକୁ ସମସ୍ତ ଦେବ ଶୁଭ କାର୍ଯ୍ୟର ଅବତରଣିକା ରୂପେ ବର୍ଣ୍ଣନା ଅଛି । ଜଗନ୍ନାଥ ମହାପ୍ରଭୁଙ୍କର ପ୍ରସାଦ ମଳାକୁ ସେବାମେଳା ମଞ୍ଚକୁ ପାଛୋଟି ଅଣାଯିବାବେଳେ ଧାଡିରେ ଥିବା ମା'ମାନଙ୍କ ମଥାରେ ସୁସଜ୍ଜିତ କଳସ ହିଁ







ସମଗ୍ର ଶୋଭାଯାତ୍ରା ପଥକୁ ସତେ ଯେମିତି ଆଧ୍ୟାତ୍ମିକତାର ମହକରେ ଉଲ୍ଲସିତ କରୁଥିଲା । ମଞ୍ଚ ଉପରେ କଳସ ସ୍ଥାପନା, ଶ୍ରୀଜଗନ୍ନାଥ ପୂଜନ ତଥା ଗୋ'ମାତା , ପୂର୍ଣ୍ୟତୋୟା ବୈତରଣୀ ଓ ବୃକ୍ଷରାଜିକୁ ନେଇ 'ପ୍ରକୃତି ପୂଜନ' ପରେ ଅପରାହ୍ନ ୫ଟା୩୦ ମିନିଟ୍ ସମୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ବେଦଧ୍ୱନୀର ଗୁରୁଗମ୍ଭୀର ଉଚ୍ଚାରଣ ମଧ୍ୟରେ ମୁଖ୍ୟ ଅତିଥି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ମେଳା ଉଦ୍‌ଘାଟନ ଏବଂ ଏଚଏଚଏସ୍‌ଏଫ୍‌ର ଅଖିଳ ଭାରତୀୟ ସହସେବା ପ୍ରମୁଖ ଗୁଣୱନ୍ତ ସିଂହ କୋଠାରୀ ଓ ଟ୍ରଷ୍ଟି ରାଜଲକ୍ଷ୍ମୀ ଆରଙ୍କ ଦ୍ୱାରା ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଉଦ୍‌ଯାପନୀ ଦିବସ ଅର୍ଥାତ୍ ଶୁକ୍ରବାର ସକାଳେ ଛୋଟ ପିଲାମାନଙ୍କ ଦ୍ୱାରା ମେଳାସ୍ଥଳରେ ଯୋଗ, ପ୍ରାଣାୟମ ପ୍ରଦର୍ଶନ ପରେପରେ ସମାଜର ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମେଳା କମିଟିର କାର୍ଯ୍ୟକାରୀ ଅଧକ୍ଷ, ଶ୍ରୀ ମୁରଲୀ ମନୋହର ଶର୍ମା ମୁଖ୍ୟ ମଞ୍ଚରେ ସମ୍ମାନିତ କରିଥିଲେ । ପୂର୍ବାହ୍ନରେ ଚିତ୍ତାକର୍ଷକ ପିରାମିଡ୍ ପ୍ରଦର୍ଶିତ ହୋଇଥିଲା । ପାରିବାରିକ ଓ ସାମାଜିକ ମୂଲ୍ୟବୋଧର ସୂଚକ ସ୍ୱରୂପ 'ମାତୃ-ପିତୃ ପୂଜନ' କାର୍ଯ୍ୟକ୍ରମରେ ସନ୍ଧ୍ୟାରେ ଅନ୍ୟୁନ ୮୦୦ ପରିବାରର ଚାରି ପୀଢିର ବରିଷ୍ଠମାନଙ୍କୁ ସେମାନଙ୍କ ସନ୍ତାନମାନଙ୍କ ଦ୍ୱାରା ପୂଜିତ କରାଯିବା ପରେ ମେଳା ସମାରୋପ ହୋଇଥିଲା । ବିଶିଷ୍ଟ ସନ୍ଥ ସ୍ୱାମୀ ଶଙ୍କରାନନ୍ଦ ଗିରିଜୀ ମହାରାଜ ଓ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ ମହାରାଜ ଆଜିର ପିତୃ-ମାତୃ ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଚାରିଦିନିଆ ରୌପ୍ୟ ଜୟନ୍ତୀ କ୍ରୀଡା ସମାରୋହ ଉଦ୍‌ଯାପିତ



ଭୁବନେଶ୍ୱର,୨୨/୧୨ (ଶ୍ରୁ.ମି): ନୀଳାଦ୍ରିବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରର ଚାରିଦିନିଆ ରୌପ୍ୟଜୟନ୍ତୀ କ୍ରୀଡା ସମାରୋହ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିଜୟ କୁମାର ମୁଦାଲିଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି । ଏହି କ୍ରୀଡା ସମାରୋହ ଗତ ତା ୧୯.୧୨.୨୦୧୭ରିଖ ଦିନ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଚତୁର୍ଥ ଦିନରେ ଭୁବନେଶ୍ୱର ମହାନଗରର ୧୨ଟି ବିଦ୍ୟାଳୟରୁ ପ୍ରାୟ ୨୫୦ଜଣ ଛାତ୍ରଛାତ୍ରୀ ଆନ୍ତଃବିଦ୍ୟାଳୟ କବାଡି ଓ ଖୋଖୋ ଖେଳରେ ଭାଗ ନେଇଥିଲେ । ବିଗତ ୪ଦିନ ମଧ୍ୟରେ ଭିନ୍ନ ଭିନ୍ନ ବର୍ଗର ୧୦୦ମିଟର, ୨୦୦ମିଟର, ୪୦୦ମିଟର, ୮୦୦ମିଟର ଦୌଡ ପ୍ରତିଯୋଗିତା, ଥାଳିଆଫିଙ୍ଗା , ବର୍ଚ୍ଛା ଫିଙ୍ଗା, ଗଣିତ ଦୌଡ, ଗୋଳି ସଂଗ୍ରହ, ବାଇଗଣ ଦୌଡ ଅଖାଦୌଡ, ବାଧାଦୌଡ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅଲିମ୍ପିଆନ ଦୂତୀଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତଙ୍କ ଜୀବନରେ ଶାରୀରିକ ଅଭ୍ୟାସର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ଓଡିଶା ସରକାରଙ୍କ କ୍ରୀଡା ବିଭାଗର ହକି ପ୍ରଶିକ୍ଷକ ଯୋଗଦେଇ କ୍ରୀଡା ମଣିଷକୁ ସୁସ୍ଥ ଓ ଶୃଙ୍ଖଳିତ କରି ଗଢି ତୋଳି ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ସମବେତ ପ୍ରତିଯେଗୀମାନଙ୍କୁ ସମ୍ବୋଧିତ କରିଥିଲେ । ବିଭିନ୍ନ ବର୍ଗର ଶ୍ରେଷ୍ଠ କ୍ରୀଡାବିତ୍‌ମାନଙ୍କୁ ମଞ୍ଚାସୀନ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ଦଳଗତ କ୍ରୀଡା ଦଳକୁ ବ୍ୟକ୍ତିଗତ ପଦକ ସହ ଦଳଗତ ମୋହର ପ୍ରଦାନ କରାଯାଇଥିଲା । କ୍ରୀଡା ସମାରୋହର ସଂଯୋଜକ ବରିଷ୍ଠ ଆଚାର୍ଯ୍ୟ ନନ୍ଦ କିଶୋର ସାହୁ କ୍ରୀଡା ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟତମ ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭିନ୍ନଭିନ୍ନ ଶାରୀରିକ ପ୍ରଦର୍ଶନ କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କର ମନକୁ ମନ୍ତ୍ରମୁଗ୍ଧ କରିଥିଲା ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/ 193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549525, E-mail: srutimedia@gmail.com

Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର